ଟିପ୍ପଣୀ

୧

# ମନୋବିଜ୍ଞାନର ଏକ ପରିଚୟ

ମନୁଷ୍ୟ ଭାବରେ ଆମର ଜିଜ୍ଞାସା ଆମମାନଙ୍କୁ ଆମ ଚତୁଃପାର୍ଶ୍ୱରେ ଘଟି ଯାଉଥିବା ବିଭିନ୍ନ ଘଟଣାଗୁଡ଼ିକର କାରଣ ଜାଣିବା ପାଇଁ ଅନୁପ୍ରେରିତ କରିଥାଏ । ଆମେ ଯେତେବେଳେ ଅନ୍ୟ ଜଣକୁ ସାକ୍ଷାତ କରୁ କିମ୍ବା ଅନ୍ୟ କାହାକୁ କିଛି କରୁଥିବାର ଦେଖୁ, ଆମେ ସଙ୍ଗେ ସଙ୍ଗେ ଜାଣିବା ପାଇଁ ଚେଷ୍ଟା କରୁ ଯେ କାହିଁକି ଏହି ବ୍ୟକ୍ତିଜଣକ ଏହି ପ୍ରକାରର କାର୍ଯ୍ୟକଳାପରେ ଲିପ୍ତ ରହୁଅଛି । ସମଭାବରେ ଆମେ ବିଭିନ୍ନ ପରିସ୍ଥିତିରେ ନିଜର ଅନୁଭୂତି ଏବଂ ବ୍ୟବହାର ଜାଣିବା ପାଇଁ ବହୁବାର ଚେଷ୍ଟା କରିଥାଉ । ଉକ୍ତ ବ୍ୟଗ୍ରତା ଓ ଜିଜ୍ଞାସା ଆମମାନଙ୍କୁ ଚିନ୍ତା କରିବା ପାଇଁ ପଥ ପ୍ରଦର୍ଶନ କରାଇଥାଏ ଯେ କିପରି ଜଣେ ବ୍ୟକ୍ତି ଅନ୍ୟ ଏକ ବ୍ୟକ୍ତିଠାରୁ ସେମାନଙ୍କର ବୁଦ୍ଧି, ସାମର୍ଥ୍ୟ ଏବଂ ପ୍ରକୃତିରେ ଭିନ୍ନ  ଅଟେ । କାହିଁକି ସେମାନେ ଆନନ୍ଦିତ କିମ୍ବା ଦୁଃଖିତ ହୋଇଥାନ୍ତି ? କିପରି ସେମାନେ ଅନ୍ୟମାନଙ୍କ ସହ ବନ୍ଧୁତାପୂର୍ଣ୍ଣ ବା ବିରୋଧୀ ଭାବପୂର୍ଣ୍ଣ ସଂପର୍କ ସୃଷ୍ଟି କରିଥାନ୍ତି ? କିପରି ଭାବରେ କେତେକ ବ୍ୟକ୍ତି ଯେ କୌଣସି ଜିନିଷ ଶୀଘ୍ର ଶିକ୍ଷା କରିଥାନ୍ତି ଯଦିଓ ଅନ୍ୟମାନେ ଏଥିପାଇଁ ଅତ୍ୟଧିକ ସମୟ ଦରକାର କରନ୍ତି । ଉକ୍ତ ପ୍ରଶ୍ନସମୂହର ଉତ୍ତର ଜଣେ ମନୋବିଜ୍ଞାନ ଶିକ୍ଷା ଲାଭ କରିଥିବା ବ୍ୟକ୍ତି କିମ୍ବା ଅନଭିଜ୍ଞ ବ୍ୟକ୍ତି ଦେଇପାରିଥାଏ । ଜଣେ ଅନଭିଜ୍ଞ ବ୍ୟକ୍ତିର ଉତ୍ତର ତା'ର ସାଧାରଣ ବୁଦ୍ଧି ଦ୍ୱାରା ପରିଚାଳିତ ହୋଇଥାଏ ମାତ୍ର ଜଣେ ମନସ୍ତତ୍ତ୍ୱବିତ୍ ଉକ୍ତ କାର୍ଯ୍ୟର କାରଣଗୁଡ଼ିକ ଏକ ଧାରାବାହିକ କ୍ରମାନୁସାରେ ଅନୁଧ୍ୟାନ କରିପାରେ ଏବଂ ଉକ୍ତ ପ୍ରଶ୍ନାବଳୀର ବିଜ୍ଞାନସମ୍ମତ ଉତ୍ତର ପ୍ରଦାନ କରିପାରେ ଯାହାକି ସମୟ ଅନୁକ୍ରମରେ ବିଶ୍ଳେଷଣ କରାଯାଇପାରିବ । ଉକ୍ତ ପାଠ୍ୟକ୍ରମରେ ଆମେ ମନୋବିଜ୍ଞାନର ପ୍ରକୃତି ଏବଂ ବିସ୍ତାରଗୁଡ଼ିକ ପୁଙ୍ଖାନୁପୁଙ୍ଖ ଭାବରେ ଜାଣିବା ପାଇଁ ଚେଷ୍ଟା କରିଅଛୁ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଠନ ପରେ ତୁମେ ସକ୍ଷମ ହୋଇପାରିବ:

- ମନୋବିଜ୍ଞାନର ପ୍ରକୃତି ଏବଂ ଏହାର ସଂଜ୍ଞାକୁ ବାଖ୍ୟା କରିବାରେ,
- ମନେବିଜ୍ଞାନର କ୍ଷେତ୍ରକୁ ଆଲୋଚନା କରିବାରେ,
- ମନୋବିଜ୍ଞାନର ମୌଳିକ ପ୍ରକ୍ରିୟାଗୁଡ଼ିକ ବିସ୍ତାରିତ କରିବାରେ ଏବଂ
- ମନୋବିଜ୍ଞାନର ବିଭିନ୍ନ ବିଭାଗଗୁଡ଼ିକ ବ୍ୟାଖ୍ୟା କରିବାରେ ।

## ୧.୧ ମନୋବିଜ୍ଞାନର ପ୍ରକୃତି ଏବଂ ସଂଜ୍ଞା

ସାଧାରଣ ଶବ୍ଦରେ ମନୋବିଜ୍ଞାନ ମନୁଷ୍ୟର ମାନସିକ ପ୍ରକ୍ରିୟା ଗୁଡ଼ିକ, ଅନୁଭୂତି ସମୂହ ଏବଂ ବ୍ୟବହାର (ଉଭୟ ଅନ୍ତଃ ଓ ବାହ୍ୟ)ର ଏକ ଧାରାବାହିକ ଏବଂ ବିଜ୍ଞାନ ସମ୍ମତ ଅଧ୍ୟୟନ । ମନୋବିଜ୍ଞାନ ଶବ୍ଦଟି ଦୁଇଟି ଗ୍ରୀକ୍ ଶବ୍ଦ 'ସାଇକ୍'(psyche) ଏବଂ ଲୋଗସ୍ (logos) ରୁ ଉଦ୍ଧୃତ । ଗ୍ରୀକ୍ ଭାଷାରେ ସାଇକ୍‌ର ଅର୍ଥ 'ଆତ୍ମା' ଏବଂ



ଟିପ୍ପଣୀ

ଲୋଗସର ଅର୍ଥ 'ଅଧ୍ୟୟନ' ବା 'କଥନ' । ପୁରାତନ ସମୟରେ ଏହାକୁ ଆତ୍ମା ଅଧ୍ୟୟନ ର ଏକ ଅନୁଶାସନ ହିସାବରେ ଅଭିହିତ କରାଯାଉଥିଲା । ଭାରତରେ ବୈଦିକ୍ ଓ ଉପନିଷଦ ସମୟରେ ଉକ୍ତ ପ୍ରଶ୍ନର ଉତ୍ତର ମୁଖ୍ୟ ବିଷୟ ବସ୍ତୁରୂପେ ବିବେଚିତ ହେଉଥିଲା । ମାନସିକ ପ୍ରକ୍ରିୟାର ବିଭିନ୍ନ ଦୃଷ୍ଟିଭଙ୍ଗୀଗୁଡ଼ିକ ଆଲୋଚିତ ହେଉଥିଲା । ପରବର୍ତ୍ତୀ ସମୟରେ ଯୋଗ, ସାମକ୍ଷ, ବେଦାନ୍ତ, ନ୍ୟାୟ, ବୁଦ୍ଧ ଓ ଜନ୍ୟ ବିଦ୍ୟାଳୟଗୁଡ଼ିକ ମନ, ମାନସିକ ପ୍ରକ୍ରିୟା ଏବଂ ମନକୁ ନିୟନ୍ତ୍ରଣ କରିବାର ପ୍ରଣାଳୀଗୁଡ଼ିକ ଉପରେ ଏକ ପୁଙ୍ଖାନୁପୁଙ୍ଖ ଅନୁଶୀଳନ ପ୍ରଦାନ କରିଥିଲେ । ଆଧୁନିକ ସମୟରେ ୧୯୧୬ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ ମନୋବିଜ୍ଞାନ ବିଭାଗର ଶୁଭାରମ୍ଭ ହୋଇଥିଲା ।

ପାଶ୍ଚାତ୍ ପୃଥିବୀରେ ୧୮୭୯ ମସିହାରେ ମନୋବିଜ୍ଞାନ ଏକ ସ୍ୱତନ୍ତ୍ର ଅନୁଶାସନ ଭାବରେ ଯଥାବିଧି ଆରମ୍ଭ ହୋଇଥିଲା ଯେତେବେଳେ ଉଇଲ୍ ହେଲ୍‌ମ ଉଣ୍ଡଟ୍ ଜର୍ମାନୀର ଲିପ୍‌ଜିକ୍ ବିଶ୍ୱବିଦ୍ୟାଳୟରେ ମନୋବିଜ୍ଞାନର ପ୍ରଥମ ସଂପରୀକ୍ଷଣ ପରୀକ୍ଷାଗାର ପ୍ରତିଷ୍ଠା କରିଥିଲେ । ସେହି ସମୟଠାରୁ ମନୋବିଜ୍ଞାନର ଅଭିବୃଦ୍ଧି ଏକ ଦୀର୍ଘପଥ ଅତିକ୍ରମ କରି ଚାଲି ଆସୁଅଛି । ଏହି ଅନୁଭୂତି ମାନସିକ ପ୍ରକ୍ରିୟା ଏବଂ ବ୍ୟବହାରର ପ୍ରତ୍ୟେକ ଛାପକୁ ଅଧ୍ୟୟନ କରୁଅଛି । ଉକ୍ତ ସମସ୍ତ ସ୍ୱରୂପ ଏକ ବ୍ୟାପକ ଅନୁଶୀଳନ ମନୁଷ୍ୟ ପ୍ରକୃତିର ଏକ ବୈଜ୍ଞାନିକ ବୋଧତା ପ୍ରତିପାଦିତ କରୁଅଛି । ନିମ୍ନଲିଖିତ ଛେଦରେ ଆମେ ମନୋବିଜ୍ଞାନକୁ ବ୍ୟାଖ୍ୟା କରୁଥିବା ସମସ୍ତ ଉପାଦାନଗୁଡ଼ିକୁ ଜାଣିବା ପାଇଁ ଚେଷ୍ଟା କରିବା ।

### (କ) ଅନୁଭୂତିର ଅଧ୍ୟୟନ :

ମନୋବିଜ୍ଞାନୀମାନେ ମନୁଷ୍ୟର ବିଭିନ୍ନ ପ୍ରକାର ଅନୁଭୂତିକୁ ଅଧ୍ୟୟନ କରନ୍ତି ଯାହାକି ମୁଖ୍ୟତଃ ନିଜସ୍ୱ କିମ୍ବା ସ୍ୱକୀୟ ସ୍ୱଭାବ ଅଟେ । ସେଗୁଡ଼ିକର ପରିସର ସ୍ୱପ୍ନର ଅନୁଭୂତି, ଜୀବନର ବିଭିନ୍ନ ସ୍ତରରେ ସଂଗଠିତ ସଚେତନ ଅନୁଭୂତି ଏବଂ ଧ୍ୟାନ ଜରିଆରେ କିମ୍ବା ଭ୍ରାନ୍ତ ଚେତନାକାରୀ ଔଷଧ ଦ୍ୱାରା ପରିବର୍ତ୍ତିତ ହୋଇଥିବା ସଚେତନ ସ୍ତରର ଅନୁଭୂତି ଅଟେ । ଉକ୍ତ ଅନୁଭୂତିର ଅଧ୍ୟୟନ ମନୋବିଜ୍ଞାନୀମାନଙ୍କୁ ବ୍ୟକ୍ତିର ନିଜସ୍ୱ ପୃଥିବୀକୁ ଜାଣିବାରେ ସାହାଯ୍ୟ କରିଥାନ୍ତି ।


### (ଖ) ମାନସିକ ପ୍ରକ୍ରିୟାଗୁଡ଼ିକର ଅଧ୍ୟୟନ:

ମନୋବିଜ୍ଞାନ ଏକ ମାନସିକ ପ୍ରକ୍ରିୟା ଅଧ୍ୟୟନ ଭାବରେ ମସ୍ତିଷ୍କରେ ଘଟୁଥିବା କାର୍ଯ୍ୟକଳାପକୁ ଅନୁସନ୍ଧାନ କରିବା ପାଇଁ ଚେଷ୍ଟାକରେ ଯାହାକି ପ୍ରଥମତଃ ଅଣ ଶାରିରୀକ ପ୍ରକୃତିର ଅଟେ । ଉକ୍ତ ମାନସିକ କାର୍ଯ୍ୟକଳାପଗୁଡ଼ିକ ହେଉଛି ପ୍ରତ୍ୟକ୍ଷଣ, ଶିକ୍ଷଣ, ସ୍ମରଣ ଓ ଚିନ୍ତନ । ଏଗୁଡିକ ହେଉଛି ଅନ୍ତଃ ମାନସିକ କାର୍ଯ୍ୟକଳାପ ଯାହାକି ପ୍ରତ୍ୟକ୍ଷ ଭାବରେ ପର୍ଯ୍ୟବେକ୍ଷଣ କରିହୁଏ ନାହିଁ କିନ୍ତୁ ବ୍ୟକ୍ତିର ବ୍ୟବହାରିକ କାର୍ଯ୍ୟକଳାପରୁ ଅନୁମାନ କରାଯାଇଥାଏ । ଉଦାହରଣସ୍ୱରୂପ, ଆମେ କହି ପାରିବା ଯେ ଜଣେ ତାକୁ ଦିଆଯାଇଥିବା ଗାଣିତିକ ସମସ୍ୟାର ସମାଧାନ ପାଇଁ କିଛି କାର୍ଯ୍ୟକଳାପ ପ୍ରଦର୍ଶନ କରନ୍ତି ତେବେ ସେ ବ୍ୟକ୍ତିଜଣକ ଚିନ୍ତା କରୁଅଛନ୍ତି ।

### (ଗ) ବ୍ୟବହାରର ଅଧ୍ୟୟନ:

ମନୋବିଜ୍ଞାନ ଅଧ୍ୟୟନ କରୁଥିବା ବ୍ୟବହାର ଗୁଡ଼ିକର ପରିସର ଅତ୍ୟଧିକ ପ୍ରଶସ୍ତ ଅଟେ । ଏଥିରେ ସାଧାରଣ ପ୍ରତିବର୍ତ୍ତ (ଉ. ଆଖିପତା ବନ୍ଦ କରିବା), ସାଧାରଣ ଅନୁକ୍ରିୟା ଢ଼ାଞ୍ଚା ଯଥା ସାଙ୍ଗମାନଙ୍କ ସହିତ କଥାବାର୍ତ୍ତା, ଅନୁଭୂତି ଏବଂ ଆଭ୍ୟନ୍ତରୀଣ ସ୍ତରର ବାଚିକ ବିବରଣୀ ଏବଂ ଜଟିଳ ବ୍ୟବହାର ଯଥା କମ୍ପ୍ୟୁଟର ଚାଳନା, ପିଆନୋ ବଜାଇବା ଏବଂ ଏକ ଭିଡ଼କୁ ସମ୍ବୋଧନ କରିବା ଅନ୍ତର୍ଭୂକ୍ତ । ଉକ୍ତ ବ୍ୟବହାରଗୁଡ଼ିକ ଖୋଲା ଆଖିରେ ପ୍ରତ୍ୟକ୍ଷ ଭାବରେ ପର୍ଯ୍ୟବେକ୍ଷଣ ହୋଇଥାଏ କିମ୍ବା ଯନ୍ତ୍ର ଦ୍ୱାରା ମପାଯାଇଥାଏ । ସେଗୁଡ଼ିକ ସାଧାରଣତଃ ବାଚନିକ କିମ୍ବା ଅବାଚନିକ (ଉ. ମୁଖର ଭାବଭଙ୍ଗୀ) ଭାବରେ ପ୍ରକାଶିତ ହୋଇଥାଏ ଯେତେବେଳେ ବ୍ୟକ୍ତି କୌଣସି ଏକ ପରିସ୍ଥିତିରେ ଏକ ଉଦ୍ଦୀପକକୁ ପ୍ରତିକ୍ରିୟା ଦେଖାଇଥାଏ ।

ଏଣୁ ମନୋବିଜ୍ଞାନରେ ଅନୁସନ୍ଧାନର ମୁଖ୍ୟ ବିଷୟ ହେଉଛି ବ୍ୟକ୍ତି ବିଶେଷ ଏବଂ ତାର ଅନୁଭୂତି, ମାନସିକ ପ୍ରକ୍ରିୟା ଏବଂ ବ୍ୟବହାର ସମୂହ ।




ଚିତ୍ର ୧.୧ମନୋବିଜ୍ଞାନ ବିଷୟ ବସ୍ତୁର ସ୍ୱରୂପ ବା ଦିଗ

## ପାଠ୍ୟଭୁକ୍ତ ପ୍ରଶ୍ନ : ୧.୧

**୧.** ଶୂନ୍ୟ ସ୍ଥାନ ପୂରଣ କର ।

(କ) ମନୋବିଜ୍ଞାନ ଦୁଇଗୋଟି ଗ୍ରୀକ୍ ଶବ୍ଦ ------ ଓ ------ ରୁ ଉଦ୍ଧୃତ ।

(ଖ) ମନୋବିଜ୍ଞାନରେ ଅନୁସନ୍ଧାନର ମୁଖ୍ୟ ବିଷୟ ହେଉଛି ମନୁଷ୍ୟ ------ ।

(ଗ) ଉଇଲ୍ ହେଲ୍ମ ଉଣ୍ଡଟ୍ ଜର୍ମାନୀର ଲିପ୍‌ଜିକ୍ ବିଶ୍ୱବିଦ୍ୟାଳରେ ପ୍ରଥମ ସଂପରୀକ୍ଷଣ -------------- ------------ ପ୍ରତିଷ୍ଠା କରିଥିଲେ ।

(ଘ) ମନୋବିଜ୍ଞାନ ------------------------ , ----------------------------- ଏବଂ -------------------------- ର ଅଧ୍ୟୟନ ଅଟେ ।

## ୧.୨. ମନୋବିଜ୍ଞାନର ପରିସର

ମନୋବିଜ୍ଞାନର ସଂଜ୍ଞାରୁ ବର୍ତ୍ତମାନ ଏହା ତୁମପାଇଁ ସ୍ପଷ୍ଟ ହୋଇପାରେ ଯେ ମନୋବିଜ୍ଞାନ ବ୍ୟକ୍ତିର ମାନସିକ ଏବଂ ବ୍ୟବହାରିକ କାର୍ଯ୍ୟକଳାପ ସମ୍ପର୍କିତ ବିଭିନ୍ନ ବିଷୟକୁ ସମ୍ବୋଧିତ କରିଥାଏ । ଉକ୍ତ ଅଧ୍ୟୟନ ଆମମାନଙ୍କ ମଧ୍ୟରେ ମନୁଷ୍ୟ ପ୍ରକୃତିର ଏକ ମୌଳିକ ଜ୍ଞାନ ବିକାଶିତ ହେବାରେ ସାହାଯ୍ୟ କରେ ଏବଂ ଆମମାନଙ୍କୁ ଅତ୍ୟଧିକ ସଂଖ୍ୟକ ନିଜସ୍ୱ ଓ ସାମାଜିକ ସମସ୍ୟା ସମାଧାନ କରିବାରେ ସୁବିଧା କରିଥାଏ । ମନୁଷ୍ୟ ସମ୍ବନ୍ଧୀୟ ଅଧ୍ୟୟନ ଜୈବିକ ପ୍ରଣାଳୀଗୁଡ଼ିକର କାର୍ଯ୍ୟ ବିଶେଷତଃ ସ୍ନାୟବିକ ପ୍ରଣାଳୀର କାର୍ଯ୍ୟାବଳୀରୁ ଆରମ୍ଭ । କେନ୍ଦ୍ର-ସ୍ନାୟୁ ସଂସ୍ଥା ମାଧ୍ୟମରେ ମନୋବିଜ୍ଞାନ ମସ୍ତିଷ୍କର ବିଭିନ୍ନ ବିଭାଗର କାର୍ଯ୍ୟାବଳୀ ଅଧ୍ୟୟନ କରିଥାଏ ଯାହାକି ଆମର ଅନୁଭବ, ପ୍ରକ୍ଷୋଭ ଏବଂ ଚିନ୍ତନକୁ ନିୟନ୍ତ୍ରଣ କରେ । ସ୍ୱତଃକ୍ରିୟ ସ୍ନାୟୁ ସଂସ୍ଥା ମଧ୍ୟରେ ଆମ ବ୍ୟବହାରକୁ ଜାଣିବା ପାଇଁ ହରମୋନ ଏବଂ ସ୍ନାୟୁ ସଂଚାରକର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଏତତ୍ ବ୍ୟତିତ ମନୋବିଜ୍ଞାନ ଏକ ଶିଶୁର ଜନ୍ମଗତ ଜୈବିକ, ବୌଦ୍ଧିକ ଏବଂ ସାମାଜିକ ଲକ୍ଷଣ କିପରି ଭାବରେ ଏକ ନିର୍ଦ୍ଦିଷ୍ଟ ସାମାଜିକ ଓ ସଂସ୍କୃତି ପରିବେଷ୍ଟନୀ ଦ୍ୱାରା ପରସ୍ପର ଅଭିଭୂତକରଣ ହୋଇଥାଏ ଏବଂ ଶିଶୁଟିର ସୁସ୍ଥ ବିକାଶକୁ ସୁଗମ କରେ ତାହା ମଧ୍ୟ ଅଧ୍ୟୟନ କରିଥାଏ ।

ଟିପ୍ପଣୀ

ଏକ ଜୀବିତ ପ୍ରାଣୀ ଭାବରେ ତୁମେ ପ୍ରତି ମୁହୂର୍ତ୍ତରେ ଅସଂଖ୍ୟ ସଂବେଦୀ ଉତ୍ପାଦନ ଶକ୍ତିର ସମ୍ମୁଖୀନ ହୋଇଥାଅ । ତୁମର କାର୍ଯ୍ୟ କେବଳ ଯେ ଉକ୍ତ ସଂବାଦକୁ ପ୍ରସ୍ତୁତ କରିବା ନୁହେଁ ବରଂ ଏହାକୁ ଗଚ୍ଛିତ କରି ଦରକାର ସମୟରେ ପୁନରୁଦ୍ଧାର କରିବା । ସଂବାଦକୁ ପ୍ରସ୍ତୁତ କରିବାରେ ଅଭିନିବେଶ ଓ ପ୍ରତ୍ୟକ୍ଷଣ ସାହାଯ୍ୟ କରନ୍ତି । ସ୍ମୃତି ଏହାକୁ ଲେଖି ରଖି ଧାରଣ ଓ ପୁନରୁଦ୍ଧାର କରିବାରେ ସାହାଯ୍ୟ କରେ ଏବଂ ଚିନ୍ତନ ଉକ୍ତ ଗଚ୍ଛିତ ସଂବାଦକୁ ଉନ୍ନତତର କରିବା ଏବଂ ଦକ୍ଷରୂପେ କାର୍ଯ୍ୟକରିବାର ଶକ୍ତି ଯୋଗାଇଥାଏ । ମନୋବିଜ୍ଞାନରେ ଏ ସମସ୍ତ ବିଷୟର ଅଧ୍ୟୟନ ଏକ ଉଚ୍ଚତର ମାନସିକ ପ୍ରକ୍ରିୟା ବା ଜ୍ଞାନ ରାଜ୍ୟରେ ହୋଇଥାଏ । ତୁମ ଜୀବନରେ ତୁମେ ଅନେକ ବ୍ୟକ୍ତିଙ୍କ ସଂସ୍ପର୍ଶରେ ନିଶ୍ଚିତ ଭାବରେ ଆସିଥିବ ଯେଉଁମାନେ କାର୍ଯ୍ୟ ସଂପାଦନର ଶୀର୍ଷସ୍ତରରେ ଉପନୀତ । କିନ୍ତୁ ଉକ୍ତ ସଂପାଦନ କାର୍ଯ୍ୟ ଏକ ଥରକରେ ସାଧନ ହୋଇ ନଥାଏ, ଏହା ଏକ ଧାରାବାହିକ ଶିକ୍ଷଣର ଫଳ ଯାହାକି, ବ୍ୟକ୍ତି ନିଜର ଧାରାବାହିକ ଅଭ୍ୟାସ ଦ୍ୱାରା ଆବଶ୍ୟକ ଦକ୍ଷତା ଓ ସାମର୍ଥ୍ୟ ଅର୍ଜନ କରିଥାଏ । ମନୋବିଜ୍ଞାନ ଆମକୁ ଉକ୍ତ ଶୀର୍ଷସ୍ତରର ସଂପାଦନାରେ ପହଞ୍ଚିବା ପାଇଁ ବ୍ୟବହୃତ ପ୍ରକ୍ରିୟାଗୁଡ଼ିକ ବୁଝିବାରେ ସାହାଯ୍ୟ କରେ ।

ଯେ କୌଣସି ବ୍ୟବହାରର ପଛରେ ଥିବା ଉଦ୍ଦେଶ୍ୟକୁ ବୁଝିବା ପାଇଁ ହେଲେ ମନୋବିଜ୍ଞାନୀମାନେ ଅଭିପ୍ରେରଣର ପ୍ରତ୍ୟୟ ବ୍ୟବହାର କରିଥାନ୍ତି । ଏହା ପ୍ରଥମତଃ ମାନସିକ ଶକ୍ତି ଗଚ୍ଛିତ କରିବାରେ ଏବଂ ଉକ୍ତ ଲକ୍ଷ୍ୟକୁ ହାସଲ କରିବା ପାଇଁ ଧାରାବାହିକ ପ୍ରଚେଷ୍ଟାରେ କେନ୍ଦ୍ରୀତ ହୋଇଥାଏ । ଅନୁଭବର ବିଭିନ୍ନ ଛାପ ଯଥା ରାଗ, ଭୟ, ସ୍ନେହ, ଆନନ୍ଦ ଏବଂ ଦୁଃଖ ଯାହାକି ଆମେ ଆମ ଜୀବନ ସମୟରେ ଅନୁଭବ କରୁ ତାହା ପ୍ରକ୍ଷୋଭ ରାଜ୍ୟରେ ଅଧ୍ୟୟନ କରାଯାଇଥାଏ। ତୁମେ ନିଶ୍ଚିତ ଭାବରେ ଏକମତ ହେବ ଯେ କୌଣସି ଦୁଇଜଣ ବ୍ୟକ୍ତି ସେମାନଙ୍କର ଶାରିରୀକ ଗୁଣ ଯଥା - ଉଚ୍ଚତା, ଓଜନ, ଚର୍ମର ରଙ୍ଗ କିମ୍ବା ମୁଖର ଭଙ୍ଗୀ ତତ୍‌ସହିତ ମାନସିକ ଗୁଣ ଯଥା - ବୁଦ୍ଧି, ବ୍ୟକ୍ତିତ୍ୱ, ପ୍ରକୃତି ଏବଂ ଆଗ୍ରହ କ୍ଷେତ୍ରରେ ସମାନ ନୁହଁନ୍ତି । ଏହାର ବୋଧତା ଏବଂ ବ୍ୟକ୍ତିଗତ ଭିନ୍ନତାର ଅନ୍ୟାନ୍ୟ ଦିଗ ମନୋବିଜ୍ଞାନୀମାନଙ୍କୁ ଉଚିତ୍ ବ୍ୟକ୍ତି ପାଇଁ ଉଚିତ୍ ନିଯୁକ୍ତି ଏବଂ ବିଭିନ୍ନ ପ୍ରକାରର ବ୍ୟକ୍ତିଗତ ଓ ବୃତ୍ତିଗତ କାର୍ଯ୍ୟ ପାଇଁ ଉପଯୁକ୍ତ ମାର୍ଗଦର୍ଶନ, ଏବଂ ପରାମର୍ଶ ପ୍ରଦାନ କରିବା ପାଇଁ ସୁବିଧା ଯୋଗାଇଥାଏ । ବ୍ୟକ୍ତିଗତ ଭିନ୍ନତାର ବୋଧତା ମନୋବିଜ୍ଞାନୀମାନଙ୍କୁ ନିରୂପିତ ବ୍ୟବହାର (ପ୍ରଥାନୁରୂପ, ଗ୍ରହଣୀୟ) ଏବଂ ଅସ୍ୱାଭାବିକ ବ୍ୟବହାର (ବିପଥଗାମୀ, ଅସାଧାରଣ) ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଇବାରେ ସାହାଯ୍ୟ କରିଥାଏ ।

ଏଭଳି ଭାବରେ ମନୋବିଜ୍ଞାନ ଏକ ଅନୁଶାସନ ରୂପେ ନିଜ ପରିଧି ବିସ୍ତୃତ କରିଅଛି । ଏହା କେବଳ ମନୁଷ୍ୟ ସମ୍ବନ୍ଧୀୟ ଜୀବନ ବ୍ୟାପି ଅଧ୍ୟୟନ ନୁହେଁ, ତଥାପି ମଧ୍ୟ ଏହା ଜୀବନର ଉତ୍ତମ ଗୁଣ ହାସଲ ପାଇଁ ସୁବିଧା କରିବା ସକାଶେ ମାନସିକ ପ୍ରକ୍ରିୟା ଓ ସାମର୍ଥ୍ୟର ଅନୁସନ୍ଧାନରେ ଚେଷ୍ଟିତ ।

### ନିଜେକର - ୧

**ସକାରାତ୍ମକ ଚିନ୍ତନର ଶକ୍ତି : ସ୍ୱାସ୍ଥ୍ୟ ଓ ଆନନ୍ଦ**

ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ସକାରାତ୍ମକ ବିଚାର କହିବା ଓ ଚିନ୍ତନ କରିବା ଦ୍ୱାରା ତୁମେ କ୍ରମଶଃ ତୁମଠାରେ ଓ ଅନ୍ୟମାନଙ୍କଠାରେ ଏକ ସକାରାତ୍ମକ ପରିବର୍ତ୍ତନ ସୃଷ୍ଟିକରିପାରିବ । ଏହିଭଳି ଅଭ୍ୟାସ ତୁମେ ତୁମ ସାଙ୍ଗମାନଙ୍କ ଓ ପରିବାରର ଲୋକଙ୍କ ସହ କରିବା ପାଇଁ ଚେଷ୍ଟାକର । ସାଙ୍ଗମାନଙ୍କୁ ପଚାରଯେ ସେମାନଙ୍କ ମଧ୍ୟରୁ କେତେଜଣ ସକାରାତ୍ମକ ମିଜାଜରେ ଅଛନ୍ତି ଓ କେତେଜଣ ନକାରାତ୍ମକ ମିଜାଜରେ ଅଛନ୍ତି । ତାପରେ ତୁମ ସାଙ୍ଗମାନଙ୍କୁ ଉପଦେଶ ଦିଅ ଯେ ସେମାନେ ଅନ୍ୟମାନଙ୍କ ସହିତ ହାତ ମିଳାନ୍ତୁ ଏବଂ ସଚ୍ଚୋଟ ଭାବରେ କୁହ, "ମୁଁ ତୁମର ସୁଖ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରେ।" ଏହାପରେ ତୁମ ସାଙ୍ଗମାନଙ୍କୁ ପଚାର ଯେ ସେମାନଙ୍କ ମିଜାଜ କ'ଣ ଅଛି, ବୁଝିନିଅ ସେମାନଙ୍କ ମଧ୍ୟରୁ କେତେଜଣ ସକାରାତ୍ମକ ଓ କେତେଜଣ ନକାରାତ୍ମକ ଉତ୍ତର ଦେଉଛନ୍ତି । ହଁ, ତୁମେ ଆଶ୍ଚର୍ଯ୍ୟ ହେବ ଯେ ସକାରାତ୍ମକ ମିଜାଜରେ ଥିବା ସଂଖ୍ୟା ଖୁବ୍ ଅଧିକ ହୋଇଯାଇଅଛି ।





## ୧.୩ ମୌଳିକ ମନୋବୈଜ୍ଞାନିକ ପ୍ରକ୍ରିୟା ସମୂହ

ବ୍ୟବହାରକୁ ଅଧ୍ୟୟନ କଲାବେଳେ ମନୋବିଜ୍ଞାନୀମାନଙ୍କର ମୁଖ୍ୟ କାର୍ଯ୍ୟ ହେଉଛି କିଭଳି ପ୍ରକ୍ରିୟା ସମୂହ ମିଳିତ ଭାବରେ ଏକ ନିର୍ଦ୍ଦିଷ୍ଟ ବ୍ୟବହାରକୁ ପ୍ରଭାବିତ କରନ୍ତି ତାହା ଜାଣିବା । ଉକ୍ତ ମନୋବୈଜ୍ଞାନିକ ପ୍ରକ୍ରିୟା ସମୂହ ହେଉଛି -

**(କ) ସମ୍ବେଦନ:** ଏହା ବିଭିନ୍ନ ଉଦ୍ଦୀପକ ସମୂହକୁ ଜାଣିବାରେ ଆମ ସଚେତନତାକୁ ବୁଝାଇଥାଏ ଯାହା ଆମେ ବିଭିନ୍ନ ରୀତିରେ ସମ୍ମୁଖୀନ ହୋଇଥାଉ ଯଥା - ଦୃଷ୍ଟି, ଶ୍ରବଣ, ସ୍ପର୍ଶ ଓ ସ୍ୱାଦ ।

**(ଖ) ଅଭିନିବେଶ:** ଅଭିନିବେଶ ସମୟରେ ଆମେ ଆମ ପାଖରେ ଉପଲବ୍ଧ ଥିବା ଅନେକ ଉଦ୍ଦୀପକମାନଙ୍କ ମଧ୍ୟରୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦୀପକକୁ ଚୟନ କରି ଦୃଷ୍ଟି କେନ୍ଦ୍ରୀଭୂତ କରିଥାଉ । ଉଦାହରଣସ୍ୱରୂପ - ଶ୍ରେଣୀଗୃହରେ ଏକ ବକ୍ତୃତା ଶୁଣିବା ସମୟରେ ଆମେ ଶିକ୍ଷକଙ୍କ ଦ୍ୱାରା ଉଚ୍ଚାରଣ ହେଉଥିବା ଶବ୍ଦଗୁଡ଼ିକୁ ଯଥା - ପଙ୍ଖା ଦ୍ୱାରା ହେଉଥିବା ଶବ୍ଦକୁ ମଧ୍ୟ ବାଦ ହେବାପାଇଁ ଚେଷ୍ଟା କରୁ ।

**(ଗ) ପ୍ରତ୍ୟକ୍ଷଣ:** ପ୍ରତ୍ୟକ୍ଷଣ ସମୟରେ ଆମେ ସମ୍ବାଦଗୁଡ଼ିକୁ ପ୍ରକ୍ରିୟାକରଣ କରିଥାଉ ଏବଂ ଆମ ପାଖରେ ଉପଲବ୍ଧ ଥିବା ଉଦ୍ଦୀପକଗୁଡ଼ିକର ଅର୍ଥ ବାହାର କରିଥାଉ । ଉଦାହରଣସ୍ୱରୂପ - ଆମେ ଗୋଟିଏ କଲମକୁ ଦେଖି ଚିହ୍ନଟ କରିଥାଉ ଯେ ଏହା ଲେଖାଲେଖି ପାଇଁ ବ୍ୟବହୃତ ହେଉଥିବା ଏକ ବସ୍ତୁ ।

**(ଘ) ଶିକ୍ଷଣ:** ଏହା ଆମକୁ ଅନୁଭୂତି ଓ ଅଭ୍ୟାସ ମାଧ୍ୟମରେ ନୂତନ ଜ୍ଞାନ ଓ ଦକ୍ଷତା ଆହରଣ କରିବାରେ ସାହାଯ୍ୟ କରେ । ଉକ୍ତ ଅର୍ଜିତ ଜ୍ଞାନ ଓ ଦକ୍ଷତା ଆମ ବ୍ୟବହାରରେ ଏକ ପରିବର୍ତ୍ତନ ଆଣିଥାଏ ଏବଂ ବିଭିନ୍ନ ପ୍ରକାର ସନ୍ନିବେଶରେ ଆମକୁ ଖାପଖୁଆଇ ଚଳିବା ପାଇଁ ପ୍ରବର୍ତ୍ତାଇ ଥାଏ । ଉଦାହରଣସ୍ୱରୂପ - ଆମେ ଭାଷା ଶିକ୍ଷା କରୁ, ସାଇକେଲ ଚଲାଇବା ଶିଖୁ ଏବଂ ଗାଣିତିକ ଦକ୍ଷତା ପ୍ରୟୋଗ କରି ବିଭିନ୍ନ ସମସ୍ୟାର ସମାଧାନ କରିଥାଉ ।

**(ଙ) ସ୍ମୃତି:** ଯେଉଁ ସଂବାଦଗୁଡ଼ିକ ଆମେ ପ୍ରକ୍ରିୟାକରଣ କରୁ ଏବଂ ଶିଖିଥାଉ ସେଗୁଡ଼ିକ ଆମ ସ୍ମୃତି ପ୍ରକ୍ରିୟାରେ ଲିପିବଦ୍ଧ ଓ ଗଚ୍ଛିତ ହୋଇଥାଏ । ବ୍ୟବହାର କରିବା ପାଇଁ ଦରକାର ହେଉଥିବା ସଂବାଦଗୁଡ଼ିକୁ ସହଜରେ ପୁନରୁଦ୍ଧାର କରିବା ପାଇଁ ସ୍ମୃତି ଆମକୁ ସାହାଯ୍ୟ କରିଥାଏ । ଉଦାହରଣସ୍ୱରୂପ - ଆମେ ଘରେ ପଢ଼ିଥିବା ପାଠକୁ ପରୀକ୍ଷାରେ ମନେପକାଇ ଲେଖିଥାଉ ।

**(ଚ) ଚିନ୍ତନ:** ଚିନ୍ତନ ସମୟରେ ଆମେ ବିଭିନ୍ନ ବିଷୟର ସମାଧାନ ପାଇଁ ଆମର ଗଚ୍ଛିତ ଜ୍ଞାନକୁ ବ୍ୟବହାର କରିଥାଉ । ଆମେ ଆମର ମନରେ ବିଭିନ୍ନ ପ୍ରକାର ବସ୍ତୁର ସଂପର୍କକୁ ତର୍କ ମାଧ୍ୟମରେ ଉପସ୍ଥାପନ କରୁ ଏବଂ ଏକ ନିର୍ଦ୍ଦିଷ୍ଟ ସମସ୍ୟାର ଯୁକ୍ତିଯୁକ୍ତ ନିଷ୍ପତ୍ତି ନେଇଥାଉ । ପରିବେଷ୍ଟନୀରେ ଥିବା ବିଭିନ୍ନ ଘଟଣାଗୁଡ଼ିକର ଆମେ ମୂଲ୍ୟ ନିରୂପଣ କରୁ ଏବଂ ସେହି ଅନୁସାରେ ମନ୍ତବ୍ୟ ଦେଇଥାଉ ।

## ପାଠ୍ୟଭୁକ୍ତ ପ୍ରଶ୍ନ : ୧.୨

୧. ନିମ୍ନଲିଖିତ ଉକ୍ତିଗୁଡ଼ିକ 'ଠିକ୍' କିମ୍ବା 'ଭୁଲ' ଦର୍ଶାଅ :

(କ) ଶିକ୍ଷଣରେ ଆମେ ପ୍ରଶିକ୍ଷଣ ଓ ଅନୁଭୂତି ମାଧ୍ୟମରେ ନୂତନ ଦକ୍ଷତା ହାସଲ କରିଥାଉ ।

(ଖ) ସମ୍ବେଦନରେ ଉଦ୍ଦୀପକଗୁଡ଼ିକ ମସ୍ତିଷ୍କରେ ଗଚ୍ଛିତ ହୋଇଥାଏ ।

(ଗ) ଚିନ୍ତନରେ ଆମେ ବିଭିନ୍ନ ବିଷୟର ସମାଧାନ ପାଇଁ ଗଚ୍ଛିତ ଜ୍ଞାନକୁ ବ୍ୟବହାର କରିଥାଉ ।

(ଘ) ଅଭିନିବେଶରେ ଆମେ ପରିବେଷ୍ଟନୀ ମଧ୍ୟରେ ଉପସ୍ଥିତ ଥିବା ସମସ୍ତ ଉଦ୍ଦୀପକଗୁଡ଼ିକୁ ଧ୍ୟାନ ଦେଇଥାଉ ।

## ୧.୪ ମନୋବିଜ୍ଞାନର ବିଭାଗ ସମୂହ

ଏକ ଶହ ବର୍ଷଠାରୁ ଅଧିକ ସମୟ ଗତିକରିବା ପରେ ମନୋବିଜ୍ଞାନ ଏକ ଅନୁସନ୍ଧାନର କ୍ଷେତ୍ର ଭାବରେ ଅନେକ ସ୍ତରରେ ଏହାର ଅଭିବୃଦ୍ଧି ଘଟିଅଛି । ସମସାମୟିକ ସମୟରେ ସଂଖ୍ୟାଧିକ ସ୍ୱତନ୍ତ୍ର ବିଭାଗମାନଙ୍କରେ ମନୋବିଜ୍ଞାନ ବ୍ୟବହାରର ଏକ ଦୃଷ୍ଟିପୂର୍ଣ୍ଣ କ୍ଷେତ୍ର ଭାବରେ ବିକାଶ କରିଅଛି । ମନୋବିଜ୍ଞାନରେ ବିଭିନ୍ନ ବିଭାଗର ଉତ୍ପତ୍ତି ଆମମାନଙ୍କର ଦୈନନ୍ଦିନ ଜୀବନର ମୂଲ୍ୟ ଏବଂ ସାର୍ଥକତା ଉପସ୍ଥାପିତ କରୁଅଛି । ଉକ୍ତ ଅଧ୍ୟାୟରେ ଆମେମାନେ ସଂକ୍ଷିପ୍ତ ଭାବରେ ଏହି ସବୁ ବିଭାଗମାନ ବିଷୟରେ ଶିକ୍ଷା ଲାଭ କରିବା ।

**ବିକୃତି ମନୋବିଜ୍ଞାନ:** ମନୋବିଜ୍ଞାନର ଉକ୍ତ ଶାଖା ସେହି ବର୍ଗର ବ୍ୟବହାରଗୁଡ଼ିକୁ ଉଲ୍ଲେଖ, ନିର୍ଦ୍ଧାରିତ, ଅନୁମାନ ଓ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟିତ ଯାହାକି ଅସାଧାରଣ ଓ ଅମାନବୀୟ ଭାବରେ ପରିଗଣିତ । ଏହା ମଧ୍ୟ ବିଭିନ୍ନ ପ୍ରକାରର ମନବୈଜ୍ଞାନିକ ବିକୃତିଗୁଡ଼ିକୁ ନିରୂପଣ କରେ ଯାହାକି ବ୍ୟକ୍ତିର ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ । ଏହା ମାନାୟିତ ମନୋ - ନିଦାନକାରୀ ଉପକରଣ ଜରିଆରେ ବ୍ୟକ୍ତିର ବିକୃତିର ମୂଲ୍ୟ ନିର୍ଦ୍ଧାରଣ କରିଥାଏ ଏବଂ ନିର୍ଦ୍ଦିଷ୍ଟ ସମସ୍ୟାର ଚିକିତ୍ସା ବିଷୟରେ ସୂଚନା ପ୍ରଦାନ କରେ ।

**ଜ୍ଞାନାତ୍ମକ ମନୋବିଜ୍ଞାନ:** ଏହା ବ୍ୟକ୍ତି ବ୍ୟବହାର କରୁଥିବା ଅର୍ଜନ, ଆଧାର, ରୂପାନ୍ତର ଓ ପ୍ରୟୋଗକୁ ନିରୂପଣ କରି ଘର ଚତୁପାର୍ଶ୍ୱରେ ଘଟିଯାଉଥିବା ଘଟଣାଗୁଡ଼ିକ ବୁଝିବା ପାଇଁ ଓ ବ୍ୟାଖ୍ୟା କରିବା ପାଇଁ ବ୍ୟବହାର କରେ ।

**ଚିକିତ୍ସା ଓ ପରାମର୍ଶ ମନୋବିଜ୍ଞାନ:** ଚିକିତ୍ସା ମନୋବିଜ୍ଞାନ ମୁଖ୍ୟତଃ ବିଭିନ୍ନ ପ୍ରକରର ମାନସିକ ବିକୃତିଗୁଡିକର ନିଦାନ ଓ ଉପଚାର ସହ ଜଡିତ । ଜଣେ ଚିକିତ୍ସା ମନୋବିଜ୍ଞାନୀ ମନଚିକିତ୍ସାତ୍ମକ ପଦ୍ଧତି ବିଷୟରେ ତାଲିମପ୍ରାପ୍ତ ଯାହାକୁ ସେ ମାନସିକ ବିକୃତ ବ୍ୟକ୍ତିମାନଙ୍କୁ ଭଲ କରିବା ପାଇଁ ବ୍ୟବହାର କରିଥାଏ । ସେମାନେ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିକିତ୍ସାଳୟରେ ନିୟୋଜିତ ହୋଇଥାନ୍ତି ଯେଉଁଠାରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ନିରୂପିତ ହୋଇଥାଏ । ପରାମର୍ଶ ମନୋବିଜ୍ଞାନୀମାନେ ସାମାଜିକ ଓ ଆବେଗିକ ଜୀବନର ସାମଞ୍ଜସ୍ୟରେ ଦେଖା ଦେଉଥିବା ମୃଦୁ ସମସ୍ୟାଗୁଡ଼ିକ ନିରୂପଣ କରିଥାନ୍ତି ଏବଂ ବୈବାହିକ ସମସ୍ୟା, ମାନସିକ ଚାପ ସମ୍ବନ୍ଧିତ ସମସ୍ୟା ଓ ଜୀବନ ନିର୍ବାହର ପନ୍ଥା ଚୟନରେ ସ୍ୱତନ୍ତ୍ର ସେବା ପ୍ରଦାନ କରିଥାନ୍ତି ।

**ଶିକ୍ଷା ମନୋବିଜ୍ଞାନ:** ମନୋବିଜ୍ଞାନର ଏହି ବିଭାଗଟି ମୁଖ୍ୟତଃ ଶୈକ୍ଷିକ - କୃତି ଉପରେ ଆଧାରିତ । ଏହା ବିଭିନ୍ନ ଉପାଦକଗୁଡ଼ିକର ଭୂମିକା ବିଷୟରେ ଅଧ୍ୟୟନ କରିଥାଏ ଯାହାକି ଶ୍ରେଣୀ ଗୃହର ଶିକ୍ଷଣ ପ୍ରକ୍ରିୟାକୁ ପ୍ରଭାବିତ କରିଥାନ୍ତି । ଏହା ଛାତ୍ରମାନଙ୍କ ଯୋଗ୍ୟତା, ଦକ୍ଷତା ଓ ବୌଦ୍ଧିକ ସାମର୍ଥ୍ୟକୁ ମାପ କରିବା ସହ ସେମାନଙ୍କର କୃତିର ମୂଲ୍ୟାଙ୍କନ କରିଥାଏ । ଜଣେ ଶିକ୍ଷା ମନୋବିଜ୍ଞାନୀ ଛାତ୍ରମାନଙ୍କର ଶିକ୍ଷା ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ସାହାଯ୍ୟ ମଧ୍ୟ କରିଥାନ୍ତି ।

**ପରିବେଶ ମନୋବିଜ୍ଞାନ:** ଉକ୍ତ ବିଭାଗଟି ଭୌତିକ ପରିବେଶ ଓ ମନୁଷ୍ୟ ବ୍ୟବହାରର ପାରସ୍ପରିକ କ୍ରିୟାକୁ ଅଧ୍ୟୟନ କରିଥାଏ । ଏହା ମନୁଷ୍ୟର କୃତି ଉପରେ ଶବ୍ଦ, ତାପ, ପ୍ରଦୂଷଣ ଏବଂ ଭିଡର ପ୍ରଭାବକୁ ଅଧ୍ୟୟନ କରେ । ଏହା ମଧ୍ୟ ବ୍ୟକ୍ତିର ମାନସିକ ସ୍ୱାସ୍ଥ୍ୟ ଉପରେ ଭୌତିକ ପରିବେଶର ପ୍ରଭାବ ବିଷୟରେ ଆଲୋକ ପାତ କରିଥାଏ ।

**ସ୍ୱାସ୍ଥ୍ୟ ମନୋବିଜ୍ଞାନ:** ଉକ୍ତ ବିଭାଗଟି ଆମ ଅସୁସ୍ଥତାର ଅଗ୍ରଗତି ଓ ଆରୋଗ୍ୟ ଉପରେ ବିଭିନ୍ନ ମାନସିକ ଉତ୍ପାଦକ (ଯଥା - ମାନସିକ ଚାପ)ଗୁଡ଼ିକର ପ୍ରଭାବ ବିଷୟରେ ଆଲୋକପାତ କରିଥାଏ । ଏହା ବିଭିନ୍ନ ପ୍ରକାରର ଜୀବନ ଶୈଳୀ ରୋଗ ଯଥା - ଅତି ଉଦ୍‌ବେଗଜନିତ ରକ୍ତଚାପ, ହୃଦ୍‌ରୋଗ, କ୍ୟାନସର ଏବଂ ମଧୁମେହ ଇତ୍ୟାଦି ନିରୂପଣ କରିଥାଏ ।

**ସଂଗଠନାତ୍ମକ ମନୋବିଜ୍ଞାନ:** ଉକ୍ତ ବିଭାଗଟି ସଂଗଠନଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କର କୃତି ଓ ନିଯୁକ୍ତି ଉପରେ ମନୋବୈଜ୍ଞାନିକ ନିୟମ ଓ ପ୍ରତିରୂପଣଗୁଡିକର ପ୍ରୟୋଗ ବିଷୟରେ ସମ୍ବନ୍ଧ ରଖିଥାଏ । ଏହା ମଧ୍ୟ ନେତୃତ୍ୱ, ଅଭିପ୍ରେରଣ, କାର୍ଯ୍ୟସନ୍ତୋଷ ଓ କୃତି ମୂଲ୍ୟାୟନ ବିଷୟ ଉପରେ ଅଧ୍ୟୟନ କରେ ।

**ବିକାଶ ମନୋବିଜ୍ଞାନ:** ଉକ୍ତ ବିଭାଗଟି ବିଭିନ୍ନ ପ୍ରକାରର ଭୌତିକ ଓ ମାନସିକ ଉପାଦକ ଯାହାକି ବ୍ୟକ୍ତି ଜୀବନର ବିଭିନ୍ନ ସୋପାନରେ ଅନୁଭବ କରୁଥିବା ଧାରାବାହିକ ପରିବର୍ତ୍ତନକୁ ପ୍ରଭାବିତ କରିଥାଏ ସେ ସବୁ ବିଷୟରେ ଅଧ୍ୟୟନ କରିଥାଏ ।

**ଆବିର୍ଭୂତ ବିଭାଗସମୂହ:** ଉପରୋକ୍ତ ବିଭାଗଗୁଡ଼ିକ ବ୍ୟତୀତ ମଧ୍ୟ ଅନେକ ନୂତନ କ୍ଷେତ୍ର ଆବିର୍ଭୂତ ହୋଇଥାନ୍ତି । ସେଥି ମଧ୍ୟରୁ କେତେଗୁଡ଼ିଏ ବିଭାଗ ହେଲା - କ୍ରୀଡ଼ା ମନୋବିଜ୍ଞାନ, ସେନା ମନୋବିଜ୍ଞାନ, ବିମାନଚାଳନା - ମନୋବିଜ୍ଞାନ, ଶାନ୍ତି-ମନୋବିଜ୍ଞାନ, ସ୍ନାୟୁ - ମନୋବିଜ୍ଞାନ, ରାଜନୈତିକ - ମନୋବିଜ୍ଞାନ ଓ ସକାରାତ୍ମକ - ମନୋବିଜ୍ଞାନ ଇତ୍ୟାଦି ।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୧.୩

୧. ମନୋବିଜ୍ଞାନର ଯେ କୌଣସି ଦୁଇଗୋଟି ବିଭାଗ ବିଷୟରେ ବର୍ଣ୍ଣନା କର ଏବଂ ସେମାନଙ୍କର କାର୍ଯ୍ୟାବଳୀ ନିରୂପଣ କର ।

---

## ତୁମେ ଯାହାକିଛି ଶିକ୍ଷା ଲାଭ କଲ

- ମନୋବିଜ୍ଞାନ ହେଉଛି ମାନସିକ ପ୍ରକ୍ରିୟା, ଅନୁଭୂତି ଏବଂ ବ୍ୟବହାର - ଉଭୟ ଆନ୍ତଃ ଓ ବାହ୍ୟର ଏକ ଧାରାବାହିକ ଓ ବିଜ୍ଞାନସମ୍ମତ ଅଧ୍ୟୟନ ଯାହାକି ଏକ ସାମାଜିକ-ସାଂସ୍କୃତିକ ବ୍ୟବସ୍ଥାରେ ଗଢ଼ି ଉଠିଥାଏ ।
- ଭାରତବର୍ଷରେ ବେଦିକ୍ ଓ ଉପନିଷଦ ସମୟରେ ଆତ୍ମା/ସଚେତନର ଅଧ୍ୟୟନ ମୁଖ୍ୟ ବିଷୟବସ୍ତୁ ଥିଲା ।
- ଔପଚାରିକ ଭାବରେ ମନୋବିଜ୍ଞାନ ୧୮୭୯ ମସିହାରେ ଆରମ୍ଭ ହୋଇଥିଲା ଯେତେବେଳେ ଉଇଲ୍ ହେଲମ୍ ଉଣ୍ଡଟ୍ ଜର୍ମାନର ଲିପ୍‌ଜିକ୍ ବିଶ୍ୱବିଦ୍ୟାଳୟରେ ପ୍ରଥମ ସଂପରୀକ୍ଷଣ ପରୀକ୍ଷାଗାର ସ୍ଥାପନ କରିଥିଲେ ।
- ମନୋବିଜ୍ଞାନର ପରିସର ବ୍ୟାପକ କାରଣ ଏହା ବ୍ୟକ୍ତିର ମାନସିକ ଓ ବ୍ୟବହାରିକ କାର୍ଯ୍ୟକଳାପ ସଂଲଗ୍ନ ବିଭିନ୍ନ ପ୍ରଚଳିତ ବିଷୟଗୁଡ଼ିକୁ ସମ୍ବୋଧିତ କରଥାଏ ।
- ମନୋବିଜ୍ଞାନର ଅଧ୍ୟୟନ ମନୁଷ୍ୟ ପ୍ରକୃତି ଉପରେ ଏକ ମୌଳିକ ଧାରଣା ସୃଷ୍ଟି କରିବାରେ ସାହାଯ୍ୟ କରେ ଏବଂ ଅନେକ ବ୍ୟକ୍ତିଗତ ଓ ସାମାଜିକ ସମସ୍ୟାଗୁଡିକର ସମାଧାନର ସୁଗମ ଉପାୟ ବାହାର କରିଥାଏ ।
- ମନୁଷ୍ୟ ବ୍ୟବହାରରେ ଜଡ଼ିତ ବିଭିନ୍ନ ମାନସିକ ପ୍ରକ୍ରିୟାଗୁଡ଼ିକ ହେଉଛି - ସମ୍ବେଦନ, ଅଭିନିବେଶ, ପ୍ରତ୍ୟକ୍ଷଣ, ଶିକ୍ଷଣ, ସ୍ମୃତି ଓ ଚିନ୍ତନ ।
- ମନୋବିଜ୍ଞାନର ଅନେକ ସ୍ୱତନ୍ତ୍ର ବିଭାଗ ସମୂହ ରହିଅଛି । ପ୍ରତ୍ୟେକ ବିଭାଗ ଆମମାନଙ୍କୁ ଏକ ନିର୍ଦ୍ଦିଷ୍ଟ ରାଜ୍ୟରେ ମନୁଷ୍ୟ ବ୍ୟବହାରକୁ ଜାଣିବାରେ ସାହାଯ୍ୟ କରେ ।

## ଅନ୍ତିମ ପ୍ରଶ୍ନାବଳୀ

୧. ମନୋବିଜ୍ଞାନର ସଂଜ୍ଞା ନିରୂପଣ କର । ଉକ୍ତ ସଂଜ୍ଞାର ବିଭିନ୍ନ ଉପାଦାନଗୁଡ଼ିକ ଉଦାହରଣ ସହ ବର୍ଣ୍ଣନା କର ।

୨. ମନୁଷ୍ୟ ବ୍ୟବହାରକୁ ପ୍ରଭାବିତ କରୁଥିବା ବିଭିନ୍ନ ମନସ୍ତାତ୍ତ୍ୱିକ ପ୍ରକ୍ରିୟାଗୁଡିକ ଆଲୋଚନା କର । ତୁମ ଉତ୍ତରଗୁଡ଼ିକ ପ୍ରାସଙ୍ଗିକ ଉଦାହରଣ ଦ୍ୱାରା ସମର୍ଥିତ ହେବା ଉଚିତ୍ ।

୩. ମନୋବିଜ୍ଞାନର ଚାରିଗୋଟି ବିଭାଗ ବର୍ଣ୍ଣନା କର । କେଉଁ ବିଭାଗଟି ତୁମର ଅଧିକ ପସନ୍ଦଯୋଗ୍ୟ ? ଏହାର କାରଣ ଦର୍ଶାଅ ।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ନିମନ୍ତେ ଉତ୍ତରମାଳା

**୧.୧**

୧. ସାଇକ୍, ଲୋଗସ୍

୨. ମନୁଷ୍ୟ ସମ୍ବନ୍ଧୀୟ

୩. ପରୀକ୍ଷାଗାର

୪. ଅନୁଭୂତି, ମାନସିକ ପ୍ରକ୍ରିୟା, ବ୍ୟବହାର

**୧.୨**

୧. ଠିକ୍

୨. ଭୁଲ

୩. ଠିକ୍

୪. ଭୁଲ

**୧.୩. ଭାଗ ୧.୪ର ସହାୟତା ନିଅ।**

**ଅନ୍ତିମ ପ୍ରଶ୍ନାବଳୀ ନିମନ୍ତେ ସହାୟତାକାରୀ ସୂଚନା:**

୧. ଭାଗ ୧.୩ର ସହାୟତା ନିଅ।

୨. ଭାଗ ୧.୫ର ସହାୟତା ନିଅ।

୩. ଭାଗ ୧.୬ର ସହାୟତା ନିଅ।





# ୨

# ମନୋବିଜ୍ଞାନର ପଦ୍ଧତି ସମୂହ

ବିଗତ ପାଠରେ ଆମେ ଚିହ୍ନିତ କରିଅଛୁଯେ ଜଣେ ମନୋବିଜ୍ଞାନୀ ଜଣେ ଅନଭିଜ୍ଞ ବ୍ୟକ୍ତିଙ୍କ ଅପେକ୍ଷା ମନସ୍ତାତ୍ତ୍ୱିକ ଘଟଣାନୁଭୂତିର ବ୍ୟାଖ୍ୟା କରିବାରେ ଭିନ୍ନ ହୋଇପାରେ । ଜଣେ ମନୋବିଜ୍ଞାନୀ ଏକ ଧାରାବାହିକ ବିଜ୍ଞାନସମ୍ମତ ପ୍ରଣାଳୀ ଅନୁସରଣ କରେ ଯାହାକି ଉକ୍ତ ଘଟଣାନୁଭୂତିଗୁଡ଼ିକୁ ବର୍ଣ୍ଣନା ଓ ବ୍ୟାଖ୍ୟା କରିବାରେ ଏକ ସୁସ୍ପଷ୍ଟ ତାତ୍ତ୍ୱିକ ଆଧାର ସୃଷ୍ଟି କରିଥାଏ । ମନୋବିଜ୍ଞାନରେ ମନସ୍ତାତ୍ତ୍ୱିକ ଘଟଣାନୁଭୂତିଗୁଡ଼ିକୁ ବୁଝିବାରେ ଏବଂ ବ୍ୟାଖ୍ୟା କରିବାରେ ବିଭିନ୍ନ ପ୍ରକାର ପଦ୍ଧତି ତନ୍ତ୍ରୀୟ ଧାରା ଓ ଉପାଗମ ଦେଖା ଯାଉଥାଏ । ଆମେ ତନ୍ମଧ୍ୟରୁ କେତେକ ଉପାଗମ ଅଧ୍ୟୟନ କରିବାକୁ ଯାଉଅଛୁ । ବ୍ୟକ୍ତିମାନଙ୍କର ଅନୁକ୍ରିୟା ଲାଭ କରିବାକୁ ହେଲେ ଅସଂକ୍ଷ ମନବୈଜ୍ଞାନିକ ଯନ୍ତ୍ରପାତିର ବ୍ୟବହାର କରିବାକୁ ପଡ଼େ । ଉକ୍ତ ଯନ୍ତ୍ରପାତିର ବ୍ୟବହାର କରିବାକୁ ପଡ଼େ । ଉକ୍ତ ଯନ୍ତ୍ରପାତି ଜରିଆରେ ଲାଭ କରାଯାଉଥିବା ଅନୁକ୍ରିୟାଗୁଡ଼ିକ ଏକ ମୌଳିକ ଆଧାର ସାମଗ୍ରୀ ଗଠନ କରନ୍ତି ଯାହାକି ମନୁଷ୍ୟର ଅନୁଭୂତି, ମାନସିକ-ପ୍ରକ୍ରିୟା ଓ ବ୍ୟବହାରର ଅଧ୍ୟୟନ ପାଇଁ ବିଶ୍ଳେଷଣ କରାଯାଇଥାଏ । ଉକ୍ତ ପାଠ୍ୟରେ ଆମେ ଉକ୍ତ ଦୃଷ୍ଟିଭଙ୍ଗୀର ଫୁଖାନୁଫୁଖ ଆଲୋଚନା କରିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟକୁ ଅଧ୍ୟୟନ କଲାପରେ ତୁମେ ସକ୍ଷମ ହୋଇପାରିବ -

- ମନୋବୈଜ୍ଞାନିକ-ପ୍ରକ୍ରିୟାଗୁଡ଼ିକର ଅଧ୍ୟୟନ ପାଇଁ ବିଭିନ୍ନ ଆଭିମୁଖ୍ୟ ଗୁଡିକର ବ୍ୟାଖ୍ୟା ।
- ମନୁଷ୍ୟର ବ୍ୟବହାରକୁ ଜାଣିବା ପାଇଁ ବ୍ୟବହୃତ କେତେକ ମୁଖ୍ୟ ପ୍ରଣାଳୀଗୁଡ଼ିକର ଆଲୋଚନା ।
- ବ୍ୟବହାର ଏବଂ ମନୋବୈଜ୍ଞାନିକ-ପ୍ରକ୍ରିୟାଗୁଡ଼ିକୁ ଜାଣିବା ପାଇଁ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତିର ଆଲୋଚନା ।

## ୨.୧ ମନୋବୈଜ୍ଞାନିକ-ପ୍ରକ୍ରିୟା ମାନଙ୍କୁ ଅଧ୍ୟୟନ କରିବାର ଆଭିମୁଖ୍ୟ

ପୂର୍ବ ପାଠ୍ୟକ୍ରମର ଆଲୋଚନା ଅନୁସାରେ ମନୋବିଜ୍ଞାନୀମାନେ ବ୍ୟବହାର ଓ ମାନସିକ ପ୍ରକ୍ରିୟାଗୁଡ଼ିକୁ ଆଲୋଚନା, ଅନୁମାନ ଓ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ପ୍ରକାର ଆଭିମୁଖ୍ୟ ଗ୍ରହଣ କରିଥାନ୍ତି । ନିମ୍ନରେ ମୁଖ୍ୟ ଆଭିମୁଖ୍ୟଗୁଡ଼ିକ ସଂକ୍ଷେପରେ ବର୍ଣ୍ଣନା କରାଗଲା ।

**ଜୈବିକ ଆଭିମୁଖ୍ୟ:** ଉକ୍ତ ଆଭିମୁଖ୍ୟ ବ୍ୟବହାରର ଗତିଶୀଳତା ବୁଝିବା ପାଇଁ ଜୈବିକ ଗଠନ ଓ ଘଟଣାନୁଭୂତି ଯଥା-ମସ୍ତିଷ୍କ, ଜିନ୍, ହର୍ମୋନ, ଅନ୍ତଃସ୍ରାବୀ-ସଂସ୍ଥା ଏବଂ ସ୍ନାୟୁ-ସଞ୍ଚାରକଗୁଡ଼ିକ ଉପରେ ଆଲୋକପାତ କରିଅଛି । ଏହାର ମୁଖ୍ୟ ବିନ୍ଦୁ ହେଉଛି ଆମର ଅନୁଭବ, ସ୍ମୃତି, ପ୍ରକ୍ଷୋଭ ଏବଂ ବ୍ୟବହାରର ଅନ୍ୟାନ୍ୟ ଦିଗଗୁଡ଼ିକୁ ପରିଚାଳନା କରିବାରେ ମସ୍ତିଷ୍କରେ ବିଭିନ୍ନ ବିଭାଗର ଭୂମିକା । ସମଭାବରେ ବ୍ୟବହାରର ପରିଚାଳନାକୁ ଅନୁଧ୍ୟାନ କରିବା

ପାଇଁ ବିଭିନ୍ନ ପ୍ରକାର ହର୍ମୋନର ଅତ୍ୟଧିକ ବା କମ କ୍ଷରଣ ହେଉଥିବାର ପ୍ରଭାବ । ଆନୁବଂଶିକ ବ୍ୟବହାର ଏକ ଉପଯୁକ୍ତ ଭାବରେ ବ୍ୟବହାରର ଆନୁବଂଶିକ ନିର୍ଦ୍ଧାରକଗୁଡ଼ିକୁ ଅଧ୍ୟୟନ କରେ। ଆହୁରି ମଧ୍ୟ ଉକ୍ତ ଉପାଗମ ମନୁଷ୍ୟ ବ୍ୟବହାରର ଶାରିରୀକ ଆଧାର ଉପରେ ଦୃଷ୍ଟିପାତ କରିଥାଏ ।

**ମନୋବିଶ୍ଳେଷଣ-ଉପାଗମ/ଆଭିମୁଖ୍ୟ:** ମନୋବିଶ୍ଳେଷଣ ଆଭିମୁଖ୍ୟଜନକ ସିଗ୍‌ମଣ୍ଡ ଫ୍ରଏଡ୍ ବ୍ୟକ୍ତିର ବର୍ତ୍ତମାନ ସମୟକୁ ବର୍ଣ୍ଣନା କରିବା ପାଇଁ ଅଚେତନ କାମ ପ୍ରେରଣା ଶକ୍ତି ଉପରେ ଆଲୋକପାତ କରିଥିଲେ । ସେ ସଚେତନର (ଉ. ସଚେତନ, ପ୍ରାକ୍-ଚେତନା, ଅଚେତନ) ବିଭିନ୍ନ ସ୍ତର ଆକାରରେ ଥିବା ମନର ଅନୁଭୂତିର ସୋପାନିକ ବ୍ୟବସ୍ଥାଗୁଡ଼ିକ ଅଧ୍ୟୟନ କରିଥିଲେ । ସେ ଅଚେତନର ପ୍ରକୃତି ଓ ଗୁଣକୁ ସ୍ୱପ୍ନ ବିଶ୍ଳେଷଣ, ଜିହ୍ୱାରୁ ଖସିଯିବା ବାକ୍ୟ, ମାନସିକ ଅସ୍ଥିରତା, ବାତୁଳତା, ଚିତ୍ରକଳା ଓ ଅନୁଷ୍ଠାନିକ ରୀତି ଜରିଆରେ ଅନୁସନ୍ଧାନ କରିଥିଲେ । ସେ ଅନୁମାନ କରିଥିଲେ ଯେ ଅଧିକାଂଶ ମନୁଷ୍ୟ ବ୍ୟବହାର ଅଚେତନ ଅଭିପ୍ରେରଣାରୁ ଜାତ ହୋଇଥାଏ । ଏଣୁ ବର୍ତ୍ତମାନର ମନୁଷ୍ୟ ବ୍ୟବହାରକୁ ଜାଣିବା ପାଇଁ ଅଚେତନ ମାନସିକ ବିଷୟର ବିଶ୍ଳେଷଣ ଅତ୍ୟଧିକ ଗୁରୁତପୂର୍ଣ୍ଣ ଅଟେ ।

**ମାନବତାବାଦୀ ଅଭିମୁଖ୍ୟ:** ଫ୍ରଏଡ୍‌ଙ୍କର ବିପରୀତ ଭାବରେ ମାନବବାଦୀ ଆଭିମୁଖ୍ୟର ଜନକ କାର୍ଲ୍ ରୋଗର୍ସ୍ ବର୍ତ୍ତମାନ ଅବସ୍ଥାରେ ସଚେତନ ଅନୁଭୂତି ଜୀବନର ପ୍ରତ୍ୟେକ ସ୍ତରରେ ଅନ୍ତର୍ବୈକ୍ତିକ ଅନୁଭୂତିର ଭୂମିକା, ଲୋକମାନଙ୍କର ମାନସିକ ପରିପୂର୍ଣ୍ଣତା ଦିଗରେ ଅଭିବୃଦ୍ଧି ଘଟୁଥିବା ଦକ୍ଷତା ଉପରେ ଅଧିକ ଗୁରୁତ୍ୱ ଦେଇଅଛନ୍ତି । ଉକ୍ତ ଆଭିମୁଖ୍ୟ ସାଧାରଣତଃ ଅନୁମାନ କରେ ଯେ ବ୍ୟକ୍ତି ଏକ କ୍ରିୟାଶୀଳ, ଆତ୍ମା ସିଦ୍ଧିପ୍ରାପ୍ତ କାରକ ଏବଂ ତା'ର ନିଜ ବ୍ୟବହାର ଉପରେ ନିଷ୍ପତ୍ତି ଗ୍ରହଣ କରିବାର ବିକଳ୍ପ ରହିଅଛି । ଆତ୍ମ ସିଦ୍ଧିପ୍ରାପ୍ତ ପ୍ରକ୍ରିୟାର ଏକ ଅଂଶ ଭାବରେ ବ୍ୟକ୍ତି ସ୍ୱ ଏବଂ ଅନୁଭୂତି ମଧ୍ୟରେ ସଂଗତି ବା ମେଳକୁ ଅନୁକ୍ଷେରଣ କରିବାରେ ଚେଷ୍ଟିତ । ଅନ୍ତତଃ ପୂର୍ବ ଅନୁଭୂତି ସହିତ ସାପେକ୍ଷ ସକାରାତ୍ମକ-ସମ୍ମାନ ଯୋଗୁ ସେ ନିଜସ୍ୱ ପ୍ରକ୍ରିୟାକୁ ଭୟଭୀତ କରାଉଥିବା ଅନୁଭୂତିଗୁଡ଼ିକୁ ପ୍ରତ୍ୟାଖ୍ୟାନ ବା ବିକୃତ କରିପାରେ । ଏହି ପ୍ରକାରର ନିଜସ୍ୱ-ପ୍ରକ୍ରିୟା ବିଶୁଦ୍ଧତା, ନିସର୍ତ୍ତ ସକରାତ୍ମକ ସମ୍ମାନ ଏବଂ ରୋଗୀର ସମସ୍ୟା ଜାଣିବାରେ ଏକ ଚିକିତ୍ସକର ସମାନୁଭୂତିକ ଚିନ୍ତାଧାରା ଜରିଆରେ ଚିକିତ୍ସାତ୍ମକ ବିନ୍ୟାସରେ ବଦଳାଇ ଯାଇପାରିବ ।

**ବ୍ୟବହାରବାଦୀ ଆଭିମୁଖ୍ୟ:** ଏହି ଆଭିମୁଖ୍ୟର ଏକକ ବିଶ୍ଳେଷଣ ହେଉଛି ସ୍ପଷ୍ଟ, ବସ୍ତୁନିଷ୍ଠ ଓ ବାହ୍ୟ ବ୍ୟବହାର ଏବଂ ପାରିବେଶିକ ଉଦ୍ଦୀପନା ସହିତ ଏହାର ସମ୍ପର୍କ । ବ୍ୟବହାରବାଦର ଜନକ ଜେ.ବି. ୱାଟ୍‌ସନ୍ ବ୍ୟବହାରର ବସ୍ତୁନିଷ୍ଠ ବିଶ୍ଳେଷଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେ ସମର୍ଥନ କରିଥିଲେ ଯେ ବ୍ୟବହାର ମୁଖ୍ୟତଃ ଉଦ୍ଦୀପକ ଓ ପ୍ରତିକ୍ରିୟା ମଧ୍ୟରେ ଥିବା ସମ୍ପର୍କ ଦ୍ୱାରା ପରିଚାଳିତ ଏବଂ ଏହି ସମ୍ପର୍କକୁ ଦକ୍ଷତାର ସହ ବ୍ୟବହାର କରି ବ୍ୟବହାରକୁ ଏକ ଅଭିପ୍ରାୟ ଦିଗରେ ପରିବର୍ତ୍ତିତ କରାଯାଇପାରିବ ।

**ଜ୍ଞାନାତ୍ମକ ଆଭିମୁଖ୍ୟ:** ଜ୍ଞାନାତ୍ମକ ଆଭିମୁଖ୍ୟ ବ୍ୟବହାରବାଦର ଯାନ୍ତ୍ରିକ ଦୃଷ୍ଟାନ୍ତର ଏକ ବିକଳ୍ପ ଭାବରେ ଆବିର୍ଭାବ ହୋଇଅଛି । ଉକ୍ତ ଆଭିମୁଖ୍ୟ ମୁଖ୍ୟତଃ ବ୍ୟକ୍ତିର ସୂଚନା ସଂସାଧନ ଦକ୍ଷତା ଯଥା ପ୍ରତ୍ୟକ୍ଷଣ, ସ୍ମରଣ, ଚିନ୍ତନ, ଭାଷା, ବିଚାରକରଣ, ସମସ୍ୟା ସମାଧାନ ଏବଂ ନିଷ୍ପତ୍ତି ଗ୍ରହଣର ଅଧ୍ୟୟନ ଉପରେ ଆଲୋକପାତ କରେ ଯାହାକି ଉଚ୍ଚତର ମାନସିକ ପ୍ରକ୍ରିୟା ଭାବରେ ପରିଗଣିତ । ଏହା ପ୍ରସ୍ତାବିତ ଯେ ପୃଥିବୀରେ ଆମେ ସଂବାଦଗୁଡ଼ିକର ଗତିବିଧି ଲକ୍ଷ୍ୟ କରୁ ଏବଂ ଆମର ବ୍ୟବହାର, ଯେଉଁ ଧାରାରେ ଆମେ ଉକ୍ତବାଦଗୁଡ଼ିକୁ ପ୍ରକ୍ରିୟାକରଣ କରୁ ତା' ଉପରେ ନିର୍ଭର କରେ । ଉକ୍ତ ଆଭିମୁଖ୍ୟ ବିଶେଷ ଭାବରେ ଅଭିକଳନାତ୍ମକ ନିଦର୍ଶନ ଉପରେ ନିର୍ଭର କରେ ଏବଂ ଅନୁମାନ କରେ ଯେ ମାନସିକ ପ୍ରକ୍ରିୟାଗୁଡିକ ସୂଚନା ସଂସାଧନ ମାଧ୍ୟମରେ ଉତ୍ତମ ରୂପେ ବୁଝାଯାଇପାରିବ।

ଉପର ବର୍ଣ୍ଣିତ ଆଭିମୁଖ୍ୟଗୁଡ଼ିକ ଦର୍ଶାଏ ଯେ ମାନସିକ ପ୍ରକ୍ରିୟା, ଅନୁଭୂତି ଏବଂ ବ୍ୟବହାରଗୁଡିକ ବିଭିନ୍ନ ସୁବିଧା

ଦୃଷ୍ଟିରୁ ବୁଝାଯାଇପାରିବ । ବାସ୍ତବରେ ମନୁଷ୍ୟ ବ୍ୟବହାର ଜଟିଳ ଏବଂ ଏହାର ବିଭିନ୍ନ ଦିଗ ଗୁଡ଼ିକ ପନ୍ଥାରେ ମୂଲ୍ୟାୟନ କରିବାକୁ ହେବ।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୨.୧

୧. -------- ଅନୁଭବ, ସ୍ମୃତି, ପ୍ରକ୍ଷୋଭ ଏବଂ ବ୍ୟବହାରର ଅନ୍ୟାନ୍ୟ ଦିଗକୁ ପରିଚାଳନା କରିବାରେ ମସ୍ତିସ୍କର ବିଭିନ୍ନ ବିଭାଗର ଭୂମିକା ଉପରେ ଆଲୋକପାତ କରେ ।

୨. ବ୍ୟକ୍ତିର ସୂଚନା ସଂସାଧନ ଦକ୍ଷତା ଉପରେ ------ ଲକ୍ଷ୍ୟ ରଖିଥାଏ ।

୩. ----- ଅନୁମାନ କରେ ଯେ ବ୍ୟକ୍ତି ହେଉଛି ସକ୍ରିୟ ଏବଂ ଆତ୍ମ ସିଦ୍ଧିଲାଭ କାରକ ଏବଂ ବ୍ୟବହାର ଉପରେ ନିଷ୍ପତ୍ତି ନେବାର ପସନ୍ଦ ତା'ର ଅଛି ।

୪. --------ଙ୍କ ଅନୁସାରେ ଅଧିକାଂଶ ମନୁଷ୍ୟ ବ୍ୟବହାର ଅଚେତନ ଅଭିପ୍ରେରଣରୁ ଆସିଅଛି ।

୫. ---------ର ଏକକ ବିଶ୍ଳେଷଣ ହେଉଛି ସ୍ପଷ୍ଟ, ବସ୍ତୁନିଷ୍ଠ ଓ ବାହ୍ୟ ବ୍ୟବହାର ଏବଂ ପାରିବେଶିକ ଉଦ୍ଦୀପନା ସହିତ ଏହାର ସମ୍ପର୍କ ।

## ୨.୨ ମନବୈଜ୍ଞାନିକ ପ୍ରକ୍ରିୟାଗୁଡ଼ିକ ବୁଝିବା ପାଇଁ ପଦ୍ଧତି ସମୂହ

ମନୁଷ୍ୟର ବ୍ୟବହାରକୁ ଜାଣିବା ପାଇଁ ବିଭିନ୍ନ ବୈଜ୍ଞାନିକ ପ୍ରଣାଳୀମାନ ବ୍ୟବହାର ହୋଇଅଛି । ଉକ୍ତ ଅଧ୍ୟୟନ ବା ଗବେଷଣାର ମୁଖ୍ୟ ଲକ୍ଷ୍ୟ ହେଉଛି ନିୟମ ଓ ମତବାଦଗୁଡ଼ିକର ସୃଷ୍ଟିକରି ପରୀକ୍ଷା କରିବା ଏବଂ ମନୁଷ୍ୟର ବିଭିନ୍ନ ସମସ୍ୟାର ସମାଧାନ କରିବାରେ ବ୍ୟବହୃତ କରିବା । ଏହି ଧାରାରେ ଆମେ ନିର୍ଭରଯୋଗ୍ୟ ବୋଧତା ସୃଷ୍ଟିକରୁ ଯାହାକି ବ୍ୟବହାରକୁ ବିଭିନ୍ନ ଦିଗରେ ପରିଚାଳିତ କରିବାରେ ଆମକୁ ସାହାଯ୍ୟ କରେ । ଯେହେତୁ ମାନବ ସମୂହ ହେଉଛନ୍ତି ଜଟିଳ ଜୀବନ୍ତ ପ୍ରାଣୀ, ସେମାନଙ୍କର ବ୍ୟବହାର ଅନେକ ଉତ୍ପାଦକ ଉଭୟ ଅର୍ନ୍ତନିହିତ ଓ ବହିସ୍ଥ ଦ୍ୱାରା ସଂଶୋଧିତ ହୋଇଥାଏ । ଏକ ମନୋବୈଜ୍ଞାନିକ ଗବେଷଣା ଯାହାକି ବିଜ୍ଞାନସମ୍ମତ ଭାବରେ ନିର୍ବାହିତ ତା'ର ବସ୍ତୁନିଷ୍ଠତା ଗୁଣ ଅଛି । ଯାହାର ଅର୍ଥ ହେଉଛି ସେହି ଗବେଷଣାଗୁଡ଼ିକ ବିଭିନ୍ନ ପ୍ରକାର ଅଭିନତିଠାରୁ ମୁକ୍ତ ଅଟନ୍ତି । ସମୟାନୁକ୍ରମେ ଏହା ପରୀକ୍ଷଣଯୁକ୍ତ ଏବଂ ସମସ୍ତଙ୍କ ନିକଟରେ ଉନ୍ମୁକ୍ତ । ଯେ କେହି ଏହାର ପ୍ରାମାଣିକତା ସେହି ପ୍ରଣାଳୀ ଜରିଆରେ ସମାନ ଫଳାଫଳ ଲାଭ କରି ପ୍ରମାଣ କରିପାରିବ । ଏଥିରେ ନିଜକୁ ସଂଶୋଧନ କରିବାର ସୁଯୋଗ ରହିଅଛି । ଅନ୍ୟ ଶବ୍ଦରେ କହିବାକୁ ଗଲେ ଗବେଷକ ତା' ନିଜର ବୈଧତା ସଂସୋଧନ କରେ ଯଦି ସେଥିରେ କୌଣସି ତୃଟି ଅଛି ଏବଂ ପୁନଃପରୀକ୍ଷାର ଦରକାର ପଡ଼ିଥାଏ । ବିଜ୍ଞାନସମ୍ମତ ଅଧ୍ୟୟନର ପୁନରାବୃତ୍ତି ଗୁଣାବଳୀ ରହିଅଛି ଯାହାର ଅର୍ଥ ହେଉଛି ଉକ୍ତ ଅଧ୍ୟୟନର ଫଳାଫଳ ବିଭିନ୍ନ ସ୍ଥାନରେ ହେଉଥିବା ଅନ୍ୟାନ୍ୟ ସମାନ ଅଧ୍ୟୟନ ଦ୍ୱାରା ଧାରାବାହିକ ଭାବରେ ପ୍ରମାଣ କରିବା ।

ଏଥିଯୋଗୁଁ ମନୋବିଜ୍ଞାନରେ ବିଜ୍ଞାନସମ୍ମତ ଅଧ୍ୟୟନ କରିବା ପାଇଁ ଅନେକଗୁଡ଼ିଏ ପ୍ରଣାଳୀର ବ୍ୟବହାର କରାଯାଇଅଛି । ସେହି ପ୍ରଣାଳୀଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା ।

**ପର୍ଯ୍ୟବେକ୍ଷଣ:** ବଜାରରେ ଜିନିଷ କିଣିବା ସମୟରେ ତୁମେ ନିଶ୍ଚିତ ଭାବରେ ଲୋକମାନଙ୍କର ବିଭିନ୍ନ ପ୍ରକାରର କାର୍ଯ୍ୟକଳାପ ଲକ୍ଷ୍ୟ କରିଥିବ । ତୁମେ ଯେତେବେଳେ ସେମାନଙ୍କର କାର୍ଯ୍ୟକଳାପ ପର୍ଯ୍ୟବେକ୍ଷଣ କର, ତୁମେ ନିଶ୍ଚିତ ଭାବରେ ଚିନ୍ତା କର ଯେ କେଉଁଥିପାଇଁ ସେମାନେ ଏହିଭଳି କାର୍ଯ୍ୟକଳାପ କରୁଅଛନ୍ତି ଏବଂ ବୋଧହୁଏ

ତୁମେ ଉକ୍ତ କାର୍ଯ୍ୟକଳାପର କାରଣଗୁଡ଼ିକ ଜାଣିବା ପାଇଁ ଏକ ନିଷ୍କର୍ଷରେ ଉପନୀତ ହୁଅ । ଅନ୍ୟମାନଙ୍କୁ ଜାଣିବାର ଉକ୍ତ ଧାରାକୁ ପର୍ଯ୍ୟବେକ୍ଷଣ କୁହାଯାଏ । ତଥାପି ମଧ୍ୟ, ଉପରବର୍ଣ୍ଣିତଠାରୁ ପର୍ଯ୍ୟବେକ୍ଷଣର ଅର୍ଥ ଆଉ ଟିକେ ଅଧିକ ଅଟେ । ପର୍ଯ୍ୟବେକ୍ଷଣ ଏକ ଅନୁସନ୍ଧାନ ପ୍ରଣାଳୀ ଭାବରେ ବହୁବାର ବୁଝାପଡ଼ିଥାଏ ଯେ ଏହା ଅଧ୍ୟୟନ କରାଯାଉଥିବା ଘଟଣାଗୁଡ଼ିକରେ କାର୍ଯ୍ୟରତ ପରବର୍ତ୍ତୀଗୁଡ଼ିକୁ ବାଧା ଦେବା ପାଇଁ ସତର୍କ ଚେଷ୍ଟା ନକରି ଘଟଣାଗୁଡ଼ିକୁ ଶୃଙ୍ଖଳିତ ଭାବରେ ଲେଖି ରଖିଥାଏ ।

**ପର୍ଯ୍ୟବେକ୍ଷଣ ପ୍ରଣାଳୀ ଉପରେ କେତେକ ରୁଚିପୂର୍ଣ୍ଣ ତଥ୍ୟ:**

ବୋଧହୁଏ ବିକାଶ ମନୋବିଜ୍ଞାନ ଇତିହାସରେ ପ୍ରସିଦ୍ଧ ଅନୌପଚାରିକ ପର୍ଯ୍ୟବେକ୍ଷଣ ହେଉଛି ଜିନ୍ ପିଆଜେଙ୍କ ଦ୍ୱାରା ପ୍ରସ୍ତୁତ ତାଙ୍କର ତିନି ପିଲାଙ୍କ ଉପରେ ପର୍ଯ୍ୟବେକ୍ଷଣ ଯେତେବେଳେ ସେମାନେ ଶିଶୁ ଅବସ୍ଥାରେ ଥିଲେ । ଏହି ପର୍ଯ୍ୟବେକ୍ଷଣଗୁଡ଼ିକ ପିଆଜେଙ୍କର ବିକାଶ ମତବାଦ ପାଇଁ ଏକ ପରୀକ୍ଷାମୂଳକ ଭିତ୍ତିଭୂମି ସୃଷ୍ଟି କରିଥିଲେ । ତୁମେ ମଧ୍ୟ ସଂବେଦୀ-ପ୍ରେରକ ବିକାଶ ଓ ଅନ୍ୟାନ୍ୟ ବିକାଶର ଦିଗଗୁଡ଼ିକରେ ହେଉଥିବା ପରିବର୍ତ୍ତନକୁ ଜାଣିବା ପାଇଁ ତୁମର କନିଷ୍ଠ ସହୋଦର ବା ପୁତୁରାମାନଙ୍କର ବିକାଶର ଧାରାକୁ ପର୍ଯ୍ୟବେକ୍ଷଣ କରିପାରିବ ।

ଏହି ପ୍ରଣାଳୀ ପ୍ରାକୃତିକ ଏବଂ ଗବେଷଣାଗାରମାନଙ୍କରେ ବ୍ୟବହୃତ ହୋଇଥାଏ । ଯେତେବେଳେ ଏହା ପ୍ରାକୃତିକ ପରିବେଶରେ ଘଟୁଥିବା ଘଟଣାଗୁଡ଼ିକର ଅନୁଧ୍ୟାନ କରେ, **ଏହାକୁ ପ୍ରାକୃତିକ ପର୍ଯ୍ୟବେକ୍ଷଣ କୁହାଯାଏ** । ଯଥା- ଖେଳପଡ଼ିଆରେ ପିଲାମାନଙ୍କର ବ୍ୟବହାର ପର୍ଯ୍ୟବେକ୍ଷଣ କରିବା । ଏହି ପ୍ରକାର ଘଟଣାରେ ପର୍ଯ୍ୟବେକ୍ଷକର ସ୍ୱତନ୍ତ୍ର ପରବର୍ତ୍ତୀ ଉପରେ ନିୟନ୍ତ୍ରଣ ନଥାଏ । ସେ କେବଳ ସମସ୍ତ କାର୍ଯ୍ୟକଳାପଗୁଡ଼ିକ ଲିପିବଦ୍ଧ କରେ ଏବଂ ସେଗୁଡ଼ିକ ଅନୁସନ୍ଧାନ କରେ । ବିପରୀତ ଭବରେ ଗବେଷଣାତ୍ମକ ପର୍ଯ୍ୟବେକ୍ଷଣରେ ଅନୁଧ୍ୟାନ କରାଯାଉଥିବା ଘଟଣାଗୁଡ଼ିକ ପର୍ଯ୍ୟବେକ୍ଷଣର ନିୟନ୍ତ୍ରଣାଧିନ ହୋଇଥାଏ । ଉଦାହରଣସ୍ୱରୂପ - କାର୍ଯ୍ୟକୃତି ଉପରେ ଉତ୍ପ୍ରେରିତ ଚାପର ପ୍ରଭାବ ।

ପର୍ଯ୍ୟବେକ୍ଷଣ ମଧ୍ୟ ପର୍ଯ୍ୟବେକ୍ଷକର ଭୂମିକା ଉପରେ ନିର୍ଭର କରି **ଅଂଶଗ୍ରହଣକାରୀ ଓ ଅସହଯୋଗୀ** ଭାବରେ ବିଭକ୍ତ । ଅଂଶଗ୍ରହଣକାରୀ ବା ସହଯୋଗୀ ପର୍ଯ୍ୟବେକ୍ଷଣରେ ଗବେଷକ ଅଧ୍ୟୟନରତ ଘଟଣାଗୁଡ଼ିକୁ ମିଶାଇଥାଏ ଏବଂ ଅଧ୍ୟୟନ ସଂଚାଳନ କରେ । କିନ୍ତୁ ଅସହଯୋଗୀ ପର୍ଯ୍ୟବେକ୍ଷଣରେ ଗବେଷକ ଏକ ଅନୁକୂଳ ଦୂରତ୍ୱ ପୋଷଣ କରିଥାଏ ଏବଂ ଅଧ୍ୟୟନରତ ଘଟଣାଗୁଡ଼ିକ ଉପରେ ସ୍ୱଳ୍ପ ପ୍ରଭାବ ବିସ୍ତାର କରିଥାଏ ।

ପର୍ଯ୍ୟବେକ୍ଷଣର ମୁଖ୍ୟ ଉପକାରୀତା ହେଉଛି ଏହା ବ୍ୟବହାରଗୁଡ଼ିକର ପରିସର ସେମାନେ ଘଟୁଥିବା ଆକାରରେ ଅଧ୍ୟୟନ କରେ । ତଥାପି ମଧ୍ୟ ଉକ୍ତ ପ୍ରଣାଳୀ ଅତ୍ୟଧିକ ସମୟ ଓ ଚେଷ୍ଟା ଦରକାର କରେ । ଏହା ବହୁବାର ଗବେଷକର ପୂର୍ବାଗ୍ରହ ଦ୍ୱାରା ପ୍ରତାରିତ ହୋଇଥାଏ ।

**କାର୍ଯ୍ୟ-୧**

**ପର୍ଯ୍ୟବେକ୍ଷଣ ପ୍ରଣାଳୀ :**

ଏକ ପର୍ଯ୍ୟବେକ୍ଷଣ ଉପକରଣ ତିଆରି କରିବାକୁ ହେଲେ ତୁମେ ପର୍ଯ୍ୟବେକ୍ଷଣ ପାଇଁ ସୂଚକ ବା ପ୍ରଦର୍ଶକ ଯନ୍ତ୍ର ତିଆରି କରିବା ଦରକାର । ସୂଚକଗୁଡ଼ିକ ତୁମେ ପରିବେଶରେ କ'ଣ ଖୋଜିବା ପାଇଁ ଆଶା କରୁଛ କିମ୍ବା କ୍ରିୟାଶୀଳ ଅଛ ତା' ଉପରେ ଆଧାରିତ ହୋଇଥାଏ । ଏହାର ଦ୍ୱିତୀୟ ଦୀଗ ହେଉଛି ପ୍ରତ୍ୟେକ ସୂଚକଗୁଡ଼ିକୁ ସୂଚିତ କରିବା ଏବଂ ସେମାନଙ୍କର ଉପସ୍ଥିତି କିମ୍ବା ଅନୁପସ୍ଥିତିରେ ମାପ କରିବା ।

କ. ବର୍ତ୍ତମାନ ଆଧାର ସାମଗ୍ରୀ ସଂଗ୍ରହ ପାଇଁ ପର୍ଯ୍ୟବେକ୍ଷଣ ପ୍ରଣାଳୀର ବ୍ୟବହାରର ପ୍ରଚେଷ୍ଟା । ଯେ କୌଣସି ପାରିବାରିକ କାର୍ଯ୍ୟର ଭିଡ଼ିଓ ଉତ୍ତୋଳନ କର କିମ୍ବା ସୁବିଧାରେ ପ୍ରାପ୍ତ ହେଉଥିବା ନିଦର୍ଶନର ବ୍ୟବହାର କର ଏବଂ ଏହାକୁ ଶବ୍ଦ-ନିରପେକ୍ଷ ସଂଚାର ସଂକେତ ମାଧ୍ୟମରେ ଅଧ୍ୟୟନ କର। ସୂଚକଗୁଡ଼ିକୁ ଯଥା-

ଟିପ୍ପଣୀ

ହସିବା, ହାତ ମିଳାଇବା, ନମସ୍କାର କରିବା, ହାତର ବ୍ୟବହାରକୁ ଚିହ୍ନଟ କର । ଉକ୍ତ ସଂକେତଗୁଡ଼ିକ କେତେଥର ଲୋକମାନଙ୍କ ଦ୍ୱାରା ଭିଡ଼ିଓ ଉତ୍ତୋଳନରେ ବ୍ୟବହୃତ ହୋଇଛି ଗଣନା କର । ତୁମେ ଉକ୍ତ ପର୍ଯ୍ୟବେକ୍ଷଣକ୍ଷମ ବ୍ୟବହାରଗୁଡ଼ିକର ବିଭିନ୍ନ ଦିଗକୁ ନେଇ ଏକ ଟେବୁଲ ବା ସୂଚୀପତ୍ର ପ୍ରସ୍ତୁତ କରିପାରିବ । ଏହା ତୁମକୁ ଭାରତୀୟ ଉପସଂହାରରେ କେଉଁ ଶବ୍ଦ-ନିରପେକ୍ଷ ସଂଚାର ସଂକେତ ଅତ୍ୟଧିକ ପରିମାଣରେ ବ୍ୟବହୃତ ହେଉଛି ଜାଣିବା ପାଇଁ ସାହାଯ୍ୟ କରିବ । ଏହି ସହିତ ଲିଙ୍ଗ ପ୍ରଭେଦ ଜାଣିବା ପାଇଁ ଚେଷ୍ଟା କର, ପୁରୁଷମାନେ ନାରୀମାନଙ୍କ ସହିତ ଅଧିକ ହାତ ମିଳାଇ ଅଛନ୍ତି କି? ନାରୀମାନେ ବୟସ୍କମାନଙ୍କର ପାଦକୁ ଅଧିକ ଥର ସ୍ପର୍ଶ କରିଛନ୍ତି କି? ତୁମେ ଏହିପରି ତୁମ ମନ ମୁତାବକ ଅନେକ ପ୍ରଶ୍ନ ତିଆରି କରିପାରିବ ।

**ସଂପରୀକ୍ଷଣ:** ସଂପରୀକ୍ଷଣ ପରୀକ୍ଷକ ସୁଚିନ୍ତିତ ଭାବରେ ଏକ ପରିବର୍ତ୍ତୀକୁ କାର୍ଯକାରୀ ଏବଂ ଅନ୍ୟ ପରିବର୍ତ୍ତୀମାନଙ୍କୁ ନିୟନ୍ତ୍ରଣାଧୀନ କରି ଗୋଟିଏ ପରିବର୍ତ୍ତୀ ଉପରେ ଅନ୍ୟର ପ୍ରଭାବ ବିଷୟରେ ଅଧ୍ୟୟନ କରିଥାଏ । ଯେଉଁ ପରିବର୍ତ୍ତୀ ପରୀକ୍ଷକ ଦ୍ୱାରା ନିୟନ୍ତ୍ରଣାଧିନ ଏବଂ କାର୍ଯ୍ୟକାରୀ ହୋଇଥାଏ ତାହାକୁ **ସ୍ୱତନ୍ତ୍ର** ବା **ସ୍ୱାଧୀନ ପରିବର୍ତ୍ତୀ** ଏବଂ ଯେଉଁ ପରିବର୍ତ୍ତୀ ଉପରେ ସ୍ୱାଧୀନ ପରିବର୍ତ୍ତୀର ପ୍ରଭାବ ଅଧ୍ୟୟନ କରାଯାଏ ତାହାକୁ **ନିର୍ଭରଶୀଳ ପରିବର୍ତ୍ତୀ** କୁହାଯାଏ । ଏକ ସାଧାରଣ ପରୀକ୍ଷାରେ ଦୁଇଟି ଗୋଷ୍ଠି ତିଆର କରାଗଲା । ଗୋଟିଏ ହେଉଛି ପରୀକ୍ଷାମୂଳକ ଗୋଷ୍ଠୀ ଯେଉଁଥିରେ ଅଂଶଗ୍ରହଣକାରୀ ସ୍ୱାଧୀନ ପରିବର୍ତ୍ତୀ ଗହଣ କରିଥାଏ । ଅନ୍ୟଟି ହେଉଛି ନିୟନ୍ତ୍ରିତ ଗୋଷ୍ଠୀ ଯେଉଁଥିରେ ସ୍ୱାଧୀନ ପରିବର୍ତ୍ତୀ ବିନା ବ୍ୟବହାରକୁ ପର୍ଯ୍ୟବେକ୍ଷଣ କରାଯାଏ । ସ୍ୱାଧୀନ ପରିବର୍ତ୍ତୀକୁ ମନମୁତାବକ ବଦଳାଇ ସଂ-ପରୀକ୍ଷକ ଏକ ଅବସ୍ଥାରେ ଉପନୀତ ହୋଇ ବର୍ଣ୍ଣନା କରେ ଯେ ଗୋଟିଏ ପରିବର୍ତ୍ତୀରେ ସଂଚାରିତ ପରିବର୍ତ୍ତନ ଅନ୍ୟ ଏକ ପରିବର୍ତ୍ତୀରେ ପରିବର୍ତ୍ତନ ସୃଷ୍ଟି କରିଥାଏ । ଏହି ପରିବର୍ତ୍ତୀଗୁଡିକ ବ୍ୟତିରେକ ସଂପରୀକ୍ଷକ ସମକାଳୀନ ଭାବରେ ଅନ୍ୟ ପରିବର୍ତ୍ତୀଗୁଡିକର ଯତ୍ନ ନେଇଥାଏ ଯାହାକି ତା'ର ନିୟନ୍ତ୍ରଣ ବାହାରେଥାଏ । ଉକ୍ତ ପରିବର୍ତ୍ତୀଗୁଡ଼ିକୁ **ନିୟନ୍ତ୍ରିତ ପରିବର୍ତ୍ତୀ** କୁହାଯାଏ ଏବଂ ସେଗୁଡ଼ିକ ନିୟନ୍ତ୍ରିତ ହେବା ଦରକାର କାରଣ ସେମାନେ ସ୍ୱାଧୀନ ପରିବର୍ତ୍ତୀର ପ୍ରଭାବ ଉପରେ ଭ୍ରମ ସୃଷ୍ଟି କରିଥାନ୍ତି ।

ପରୀକ୍ଷାମୂଳକ ଅଧ୍ୟୟନରେ ତିନି ପ୍ରକାରର ପ୍ରାସଙ୍ଗିକ ପରିବର୍ତ୍ତୀ ନିଆଯାଇଥାଏ । ସେଗୁଡ଼ିକ ହେଲା ଜୈବିକ ପରିବର୍ତ୍ତୀ, ପାରିସ୍ଥିତିକ ପରିବର୍ତ୍ତୀ ଓ ଅନୁକ୍ରମିକ ପରିବର୍ତ୍ତୀ । ଜୈବିକ ପରିବର୍ତ୍ତୀଗୁଡ଼ିକ ଅଂଶଗ୍ରହଣକାରୀର ବ୍ୟକ୍ତିଗତ ଗୁଣ ଯଥା - ବୟସ୍କ, ଲିଙ୍ଗ ଏବଂ ବ୍ୟକ୍ତିତ୍ୱର ରୂପରେଖ ସହିତ ସଂପର୍କିତ ଅଟେ । ପାରିସ୍ଥିତିକ ପରିବର୍ତ୍ତୀଗୁଡିକ ମୁଖ୍ୟତଃ ପରୀକ୍ଷା ସମୟରେ ଶାରିରୀକ ବା ଭୌତିକ ପରିବେଶର ଗୁଣ ଯଥା- ତାପମାନ, ଆଦ୍ରତା ଓ ଉଚ୍ଚଧ୍ୱନି ଉପରେ ଆଧାରିତ । ଅନୁକ୍ରମିକ ପରିବର୍ତ୍ତୀଗୁଡିକ ପରୀକ୍ଷା କରିବାର ପ୍ରଣାଳୀ ସହିତ ଜଡ଼ିତ ଯେତେବେଳେ ଅଂଶଗ୍ରହଣକାରୀ ବିଭିନ୍ନ ପରିସ୍ଥିତିରେ ନିଜକୁ ପରୀକ୍ଷା କରିବା ପାଇଁ ଜରୁରୀ ମନେକରିଥାଏ । ଅତଏବ୍ ବିଭିନ୍ନ ପ୍ରକାର ପରିସ୍ଥିତିକୁ ଅଂଶଗ୍ରହଣକାରୀର ପ୍ରକଟ ଅଭ୍ୟାସର ପ୍ରଭାବରେ ଦକ୍ଷତା ଲାଭର ଫଳାଫଳ ହୋଇପାରେ କିମ୍ବା ପରୀକ୍ଷା ପାଇଁ ସୃଷ୍ଟି ହୋଇଥିବା କ୍ଲାନ୍ତ ଓ ଏକତାନତା ହୋଇପାରେ ।

ପରୀକ୍ଷକ ପ୍ରାସଙ୍ଗିକ ପରିବର୍ତ୍ତୀଗୁଡ଼ିକର ଅନାବଶ୍ୟକ ପ୍ରଭାବଗୁଡ଼ିକୁ ନିୟନ୍ତ୍ରିତ କରିବା ପାଇଁ ନିମ୍ନଲିଖିତ କୌଶଳଗୁଡ଼ିକ ବ୍ୟବହାର କରେ ।

**(୧) ବିଲୋପନ:** ଏହି କୌଶଳ ବା ପଦ୍ଧତିରେ ସଂପରୀକ୍ଷାମୂଳକ ପରିସ୍ଥିତିରୁ ସ୍ୱତନ୍ତ୍ର ପରିବର୍ତ୍ତୀଗୁଡ଼ିକୁ ବିଲୋପ କରାଯାଇଥାଏ ।

**(୨) ସ୍ଥିତିର ସ୍ଥିରତା ଆଣିବା:** ଉକ୍ତ କୌଶଳରେ ଯେଉଁ ସ୍ୱତନ୍ତ୍ର ପରିବର୍ତ୍ତୀଗୁଡ଼ିକ ବିଲୋପ ହୋଇପାରିବ ନାହିଁ ସେଗୁଡ଼ିକୁ ସ୍ଥିର ରଖାଯାଇଥାଏ ଫଳରେ ପରୀକ୍ଷା ସମୟରେ ଏହାର ସମାନ ପ୍ରଭାବ ରହିଯାଏ ।

**(୩) ସମେଳ ବା ମିଳନ:** ଏହି କୌଶଳ ଜରିଆରେ ସ୍ୱତନ୍ତ୍ର ପରିବର୍ତ୍ତୀଗୁଡ଼ିକ ସମୀକୃତ ହୋଇଥାଏ କିମ୍ବା ସଂପରୀକ୍ଷଣର ସମସ୍ତ ଅବସ୍ଥାରେ ସ୍ଥିର ରହିଥାଏ ।

**(୪) ପ୍ରତିସନ୍ତୁଳିତ ହେବା:** ଉକ୍ତ କୌଶଳ ଅନୁକ୍ରମର ପ୍ରଭାବକୁ ଶୂନ୍ୟ କରିବା ପାଇଁ ବ୍ୟବହୃତ ହୋଇଥାଏ ।

ଏହା ସାଧାରଣତଃ ଅଂଶଗ୍ରହଣକାରୀଙ୍କୁ ଦୁଇଟି ଗୋଷ୍ଠୀରେ ବିଭକ୍ତ କରି କରାଯାଇଥାଏ । ପ୍ରଥମ ଘଟଣାରେ ଗୋଷ୍ଠୀର ଅଧା ('କ' ବିଭାଗ)କୁ କାର୍ଯ୍ୟ-୧ ଦିଆଯାଏ ଏବଂ ଅନ୍ୟ ଅଧାକୁ ('ଖ'ବିଭାଗ) କାର୍ଯ୍ୟ-୨ ଦିଆଯାଏ । ଦ୍ୱିତୀୟ ଘଟଣାରେ 'କ' ବିଭାଗକୁ କାର୍ଯ୍ୟ -୨ ଓ 'ଖ' ବିଭାଗକୁ କାର୍ଯ୍ୟ -୧ ଦିଆଯାଏ ।

**(୫) ଅନିୟମିତ ପ୍ରବର୍ତ୍ତନ:** ଅନିୟମିତ ପ୍ରବର୍ତ୍ତନରେ ସମସ୍ତ ଅଂଶଗ୍ରହଣକାରୀଙ୍କର ପରୀକ୍ଷାମୂଳକ ଏବଂ ନିୟନ୍ତ୍ରିତ ଅବସ୍ଥାକୁ ପ୍ରଦର୍ଶନ ହେବାପାଇଁ ସମାନ ସୁଯୋଗ ରହିଥାଏ । ଏହା ଗୋଷ୍ଠୀ ମଧ୍ୟରେ ଥିବା ଶୃଙ୍ଖଳିତ ମତଭେଦକୁ ଦୂର କରିଥାଏ ।

ପରୀକ୍ଷାଗୁଡ଼ିକ ନିୟନ୍ତ୍ରିତ ଅବସ୍ଥା ( ଗବେଷଣାଗାର ପରୀକ୍ଷା)ରେ ହେବା ବ୍ୟତୀତ ମଧ୍ୟ ଅନେକ ପରୀକ୍ଷା ପ୍ରାକୃତିକ ପରିବେଶ ମଧ୍ୟରେ ସଂଗଠିତ ହୋଇଥାଏ । ସେଗୁଡ଼ିକୁ କ୍ଷେତ୍ର - ପରୀକ୍ଷଣ ଓ ଆପାତ - ପରୀକ୍ଷଣ କୁହାଯାଏ । ଗବେଷଣାଗାର ପରୀକ୍ଷଣ କରି ସ୍ୱାଧୀନ ପରିବର୍ତ୍ତୀ ପରିବର୍ତ୍ତିତ ହୋଇଥାଏ ଏବଂ ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ଗୋଷ୍ଠୀରେ ପ୍ରବର୍ତ୍ତନ କରାଯାଇଥାଏ । ଆପାତ-ପରୀକ୍ଷଣରେ ସ୍ୱାଧୀନ ପରିବର୍ତ୍ତୀ ପ୍ରାକୃତିକ ପରିବେଶରେ ପରୀକ୍ଷାମୂଳକ ଓ ନିୟନ୍ତ୍ରିତ ଗୋଷ୍ଠୀ ଭାବରେ ବିଭକ୍ତ ହୋଇ ପରିବର୍ତ୍ତିତ ହୋଇଥାନ୍ତି ।

**ଘଟଣା-ବୃତ୍ତାନ୍ତ:** ତୁମେ ନିଶ୍ଚିତ ଭାବରେ ଜଣେ ଡ଼ାକ୍ତରଙ୍କୁ ଦେଖିଥିବ ଯେ କି ଜଣେ ରୋଗୀର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ତଥ୍ୟ ସଂଗ୍ରହ କରିବା ସହିତ ରୋଗୀର ବ୍ୟକ୍ତିଗତ ତଥ୍ୟ ବିଷୟରେ ପଚାରିଥାନ୍ତି କିମ୍ବା ଜଣେ ଗଣମାଧ୍ୟମ ବ୍ୟକ୍ତି ଜଣେ ଜଣାଶୁଣା ବ୍ୟକ୍ତିଙ୍କର ସାକ୍ଷାତକାର ନେଉଥିବା ବେଳେ ତାଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଅନେକ ପ୍ରଶ୍ନ ପଚାରିଥାନ୍ତି । ଏହି ସବୁ ପ୍ରଶ୍ନ ପଚାରିବାର ମୂଳ ଉଦ୍ଦେଶ୍ୟ ହେଉଛି ଉକ୍ତ ବ୍ୟକ୍ତିର ଅନୁଭୂତି, ସମ୍ପର୍କ ଏବଂ ଅନ୍ୟମାନଙ୍କ ସହିତ ପାରସ୍ପରିକ କ୍ରିୟା ବିଷୟରେ ଅଧିକ ଜାଣିବା ସହିତ ଏହି ଅଭିପ୍ରାୟରେ ଉକ୍ତ ବ୍ୟକ୍ତିର ଜୀବନୀଲେଖ ପ୍ରସ୍ତୁତ କରିବା । ମନୋବିଜ୍ଞାନରେ ଏହି ପ୍ରଣାଳୀକୁ ଘଟଣା - ବୃତ୍ତାନ୍ତ କୁହାଯାଏ ।

ମନବୈଜ୍ଞାନିକ ଅନୁସନ୍ଧାନ କ୍ଷେତ୍ରରେ ଘଟଣା-ବୃତ୍ତାନ୍ତ ପ୍ରଣାଳୀର ନିଜସ୍ୱ ଗୁରୁତ୍ୱ ଓ ପ୍ରାସଙ୍ଗିକତା ରହିଅଛି । ଉକ୍ତ ପ୍ରଣାଳୀରେ ବିଶ୍ଳେଷଣର ମୁଖ୍ୟ ବସ୍ତୁ ହେଉଛି ବ୍ୟକ୍ତି ଏବଂ ଜୀବନର ବିଭିନ୍ନ ପ୍ରକାର ବିଷୟରେ ତା'ର ଅନୁଭୂତି । ଏହା ବ୍ୟକ୍ତିର ଅନ୍ୟମାନଙ୍କ ସହିତ ପାରସ୍ପରିକ କ୍ରିୟାର ଧାରା ଏବଂ ତା'ର ଜୀବନର ବିଭିନ୍ନ ସତ୍ୟ ଘଟଣାଗୁଡ଼ିକ ଉପରେ ଗୁରୁତ୍ୱ ଆରୋପ କରେ । ଏକ ଘଟଣା-ବୃତ୍ତାନ୍ତ ପସ୍ତୁତ କରିବା ପାଇଁ ବିଭିନ୍ନ ସ୍ତରରୁ ଆଧାର-ସାମଗ୍ରୀ ନିଆଯାଇଥାଏ । ଉଦାହରଣସ୍ୱରୂପ-ତା'ର ପାରିବାରିକ ଇତିହାସ, ଶିକ୍ଷାଗତ ଜୀବନ, ସ୍ୱାସ୍ଥ୍ୟ ଇତିହାସ ଏବଂ ସାମାଜିକ ଜୀବନ । ଏହା ପ୍ରଣାଳୀଟି ଚିକିତ୍ସା-ମନୋବିଜ୍ଞାନ ଓ ଜୀବନବ୍ୟାପି ବିକାଶ ମନୋବିଜ୍ଞାନରେ ଅଧିକ ଜନପ୍ରିୟ ।

ଘଟଣା-ବୃତ୍ତାନ୍ତ ପ୍ରସ୍ତୁତ କରିବାକୁହେଲେ ସାଧାରଣତଃ ସାକ୍ଷାତ୍‌କାର, ପର୍ଯ୍ୟବେକ୍ଷଣ ଏବଂ ମନୋବୈଜ୍ଞାନିକ ପରୀକ୍ଷାମାନ ବ୍ୟକ୍ତି ବିଷୟରେ ତଥ୍ୟ ସଂଗ୍ରହ ପାଇଁ ବ୍ୟବହୃତ ହୋଇଥାଏ । ଏହି ପ୍ରଣାଳୀ ମାଧ୍ୟମରେ ସଂଗୃହିତ ଆଧାର-ସାମଗ୍ରୀଗୁଡ଼ିକୁ ଫୁଙ୍ଖାନୁଫୁଙ୍ଖ ଭାବରେ ବିଶ୍ଳେଷଣ କରାଯାଏ । ବ୍ୟକ୍ତିର ଏକ ବ୍ୟାପକ ଜୀବନୀ ଲେଖା ତିଆରି କରାଯାଏ ଯାହାକି ତା'ର ଜୀବନରେ ଘଟିଥିବା ଘଟଣାଗୁଡ଼ିକର ବର୍ଣ୍ଣନା ସବୁ ପ୍ରତିଫଳିତ ହୋଇଥାଏ । ଘଟଣା-ବୃତ୍ତାନ୍ତ ଜୀବନର ଅନ୍ୟାନ୍ୟ-ଅନୁଭୂତିଗୁଡିକ ଚିହ୍ନଟ କରିବାରେ ଏବଂ ବ୍ୟକ୍ତିର ବିଭିନ୍ନ ପ୍ରକ୍ଷୋଭ ଓ ସମାଯୋଜନ ସମସ୍ୟାଗୁଡ଼ିକୁ ସାହାଯ୍ୟ କରେ ।

ଯଦିଓ ଘଟଣା-ବୃତ୍ତାନ୍ତ ବ୍ୟକ୍ତି ଜୀବନରେ ଫୁଙ୍ଖାନୁଫୁଙ୍ଖ ଓ ଗଭିର ବର୍ଣ୍ଣନା ପ୍ରଦାନ କରିଥାଏ, ତଥାପି ଆମେ ବିଭିନ୍ନ ଦିଗରୁ ଯଥା-ପରିବାରର ସଦସ୍ୟ, ସାଙ୍ଗ ଓ କେତେକ ମାନକୀକୃତ ମନବୈଜ୍ଞାନିକମାନଙ୍କ ଜରିଆରେ ଉକ୍ତ ତଥ୍ୟର ବିଶ୍ୱାସନୀୟତା ଓ ବୈଧତାକୁ ପୁନର୍ବାର ଦୃଢ଼ୀକୃତ ନ କରି ବ୍ୟକ୍ତି ବିଷୟରେ କୌଣସି ଏକ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବା ନାହିଁ । ବ୍ୟକ୍ତିଠାରୁ ଆଧାର-ସାମଗ୍ରୀ ସଂଗ୍ରହ କରିବାର ଯୋଜନା ଏବଂ ବ୍ୟକ୍ତି ଦ୍ୱାରା ପଜ୍ୱର ଉଦ୍ଦୀପନାଗୁଡ଼ିକର ବ୍ୟାଖ୍ୟା କଲାବେଳେ ସତର୍କତା ଅବଲମ୍ବନ କରିବା ଉଚିତ୍ ।

**ସର୍ବେକ୍ଷଣ:** ତୁମେ ଅବଗତ ହୋଇଥିବ ଯେ ଟିଭି ସଂବାଦ ପ୍ରଣାଳୀଗୁଡ଼ିକ କିମ୍ବା ଖବରକାଗଜମାନ ଜାତୀୟ ଏବଂ ଆର୍ନ୍ତଜାତୀୟ ଗୁରୁତ୍ୱ ଥିବା ସାଂପ୍ରତିକ ବିଷୟ ଉପରେ ତୁମର ମତାମତ ଏସ୍‌ଏମ୍‌ଏସ୍ ମାଧ୍ୟମରେ ପଠାଇବା ପାଇଁ ତୁମକୁ ପଚାରିଥାନ୍ତି । ଏହା କରିବାବେଳେ ସେମାନେ ଉକ୍ତ ବିଷୟ ଉପରେ ଲୋକମାନଙ୍କର ମତ ଜାଣିବା



ଟିପ୍ପଣୀ

ପାଇଁ ଚେଷ୍ଟା କରି ସେମାନଙ୍କ ମତ ସବୁ ସରକାର ଓ ସମାଜକୁ ଅର୍ପଣ କରିଥାନ୍ତି । ଉଦାହରଣସ୍ୱରୂପ - ନିର୍ବାଚନ ସମୟରେ କେଉଁ ରାଜନୈତିକ ଦଳ ସଂଖ୍ୟାଧିକ ଲୋକମାନଙ୍କର ପସନ୍ଦ ହେବ ତାହା ଉପରେ ମତ ତାଲିକା ପ୍ରସ୍ତୁତ କରିଥାନ୍ତି । ଏହି ପ୍ରକାର ଅଧ୍ୟୟନ ପ୍ରସ୍ତୁତ କରିବାକୁ ସର୍ବେକ୍ଷଣ ଗବେଷଣା କୁହାଯାଏ । ଏହା କେବଳ ମନୋବିଜ୍ଞାନରେ ଏକ ଜନପ୍ରିୟ ଗବେଷଣା ପ୍ରଣାଳୀ ନୁହେଁ ଅନ୍ୟାନ୍ୟ ବିଭାଗ ଯଥା- ସମାଜତତ୍ୱ, ରାଜନୀତି ବିଜ୍ଞାନ, ଅର୍ଥ ବିଜ୍ଞାନ ଏବଂ ପରିଚାଳନାରେ ମଧ୍ୟ ଏକ ଜନପ୍ରିୟ ପ୍ରଣାଳୀ ଅଟେ।

ମନୋବିଜ୍ଞାନରେ ସର୍ବେକ୍ଷଣ ପ୍ରଣାଳୀ ସାଧାରଣତଃ ଲୋକମାନଙ୍କର ବିଚାରଧାରା, ଦୃଷ୍ଟିକୋଣ, ବିଶ୍ୱାସ ଓ ମୂଲ୍ୟବୋଧ ବିଷୟରେ ଅଧ୍ୟୟନ କରିବା ପାଇଁ ବ୍ୟବହୃତ ହୋଇଥାଏ । ଯେତେବେଳେ ମୁଖ୍ୟତଃ କୌଣସି ଘଟଣା ଘଟେ, ସେତେବେଳେ ପରିବର୍ତ୍ତୀଗୁଡ଼ିକର ସଂମ୍ପର୍କ ବିଷୟରେ ଥିବା ପରିକଳ୍ପନାକୁ ପରୀକ୍ଷା କରିବା ପାଇଁ ଏହି ପ୍ରଣାଳୀ ମଧ୍ୟ ବ୍ୟବହୃତ ହୋଇଥାଏ । ଉଦାହରଣସ୍ୱରୂପ - ମୁମ୍ବାଇ ଉପରେ ଆତଙ୍କବାଦୀମାନଙ୍କର ଆକ୍ରମଣ ପରେ ଗଣମାଧ୍ୟମ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଲୋକମାନଙ୍କର ପ୍ରତିକ୍ରିୟା ଅନୁଧ୍ୟାନ କରିବା ପାଇଁ ଚେଷ୍ଟା କରିଥିଲେ । ଲୋକମାନଙ୍କଠାରୁ ଆଧାର-ସାମଗ୍ରୀ ସଂଗ୍ରହ କରିବା ପାଇଁ ଅନେକ ଆଧାର ଯଥା - ଅଂଶଗ୍ରହଣକାରୀମାନଙ୍କୁ ପ୍ରଶ୍ନ ଜରିଆରେ ସିଧାସଳଖ ଯୋଗାଯୋଗ ଏବଂ ସେମାନଙ୍କର ସାକ୍ଷାତ୍କାର ନେବା, ଇ-ମେଲ କିମ୍ବା ଡ଼ାକ ମାଧ୍ୟମରେ ପ୍ରଶ୍ନାବଳୀ ପଠାଇବା ଏବଂ ସେମାନଙ୍କୁ ମୋବାଇଲ ଫୋନ ମାଧ୍ୟମରେ ଏସ୍‌ଏମ୍‌ଏସ୍ ପଠାଇବା ପାଇଁ କହିବା । ଏଥିପାଇଁ ସର୍ବେକ୍ଷଣରେ ପ୍ରଶ୍ନାବଳୀ କିମ୍ବା ସାକ୍ଷାତ୍କାର ମାଧ୍ୟମରେ ଗବେଷଣା କରାଯାଇଥାଏ । ଏହା ଜଣେ ବ୍ୟକ୍ତି ଉପରେ ଓ ଏକ ଗୋଷ୍ଠି ଉପରେ ମଧ୍ୟ କରାଯାଇପାରିବ ।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୨.୨

୧. ପର୍ଯ୍ୟବେକ୍ଷଣ ପର୍ଯ୍ୟବେକ୍ଷକର ଭୂମିକା ଉପରେ ନିର୍ଭର କରି ------ ଓ ------ ପର୍ଯ୍ୟବେକ୍ଷଣ ଭାବରେ ବିଭକ୍ତ ।

୨. ସଂପରୀକ୍ଷଣରେ ପରୀକ୍ଷକ ସୁଚିନ୍ତିତ ଭାବରେ ଏକ ପରିବର୍ତ୍ତୀକୁ ----- ଓ ----- କରି ଗୋଟିଏ ପରିବର୍ତ୍ତୀ ଉପରେ ଅନ୍ୟର ପ୍ରଭାବ ବିଷୟରେ ଅଧ୍ୟୟନ କରିଥାଏ ।

୩. ଘଟଣାବୃତ୍ତାନ୍ତ ପ୍ରଣାଳୀରେ ବିଶ୍ଳେଷଣର ମୁଖ୍ୟ ବସ୍ତୁ ହେଉଛି ----- ଏବଂ ଜୀବନର ବିଭିନ୍ନ ପ୍ରକାର ବିଷୟରେ ତା'ର ଅନୁଭୂତି ।

୪. ଯେଉଁ ପରିବର୍ତ୍ତୀ ପରୀକ୍ଷକ ଦ୍ୱାରା ନିୟନ୍ତ୍ରଣାଧିନ ଓ କାର୍ଯ୍ୟକାରୀ ହୋଇଥାଏ ତାହାକୁ ------- ପରିବର୍ତ୍ତୀ ଏବଂ ଯେଉଁ ପରିବର୍ତ୍ତୀ ଉପରେ ଏହାର ପ୍ରଭାବ ଅଧ୍ୟୟନ କରାଯାଏ ତାହାକୁ -------ପରିବର୍ତ୍ତୀ କୁହାଯାଏ ।

୫. ------- ପ୍ରଣାଳୀ ସାଧାରଣତଃ ଲୋକମାନଙ୍କର ବିଚାରଧାରା ,ଦୃଷ୍ଟିକୋଣ, ବିଶ୍ୱାସ ଓ ମୂଲ୍ୟବୋଧ ବିଷୟରେ ଅଧ୍ୟୟନ କରିବା ପାଇଁ ବ୍ୟବହୃତ ହୋଇଥାଏ ।

## ୨.୩ ମନୋବୈଜ୍ଞାନିକ ଉପକରଣ

କେତେକ ଅସ୍ପଷ୍ଟ, ଅନିଶ୍ଚିତ ଏବଂ ଅରଚନାତ୍ମକ ଉଦ୍ଦୀପକ ସମୂହ ଯଥା - ଛବି, ସ୍ୟାହି-ଛାପା, ଚିତ୍ର, ଅସମ୍ପୂର୍ଣ୍ଣ ବାକ୍ୟ ଇତ୍ୟାଦି ବ୍ୟବହର କରିଥାଏ । ଉକ୍ତ ପ୍ରକାରର ପରୀକ୍ଷଣରେ ବ୍ୟକ୍ତି ତା'ର ଅନୁକ୍ରିୟା ସ୍ୱାଧିନ ଭାବରେ ପ୍ରଦାନ କରିଥାଏ ।

ଏହି ସବୁ ଦୃଷ୍ଟିରୁ ବ୍ୟକ୍ତିର ମନୋବୈଜ୍ଞାନିକ ଗୁଣଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ଅନେକଗୁଡ଼ିଏ ପରୀକ୍ଷା ବ୍ୟବହୃତ ହୋଇଥାଏ । ଉକ୍ତ ପରୀକ୍ଷଣଗୁଡିକର ମୂଲ୍ୟାଙ୍କ ବ୍ୟକ୍ତି କେଉଁ କେଉଁ ଗୁଣ ଧାରଣ କରିଥାଏ ତାହା ପରିପ୍ରକାଶ କରିଥାଏ । ସେହି ମୂଲ୍ୟାଙ୍କ ମନୋବିଜ୍ଞାନୀକୁ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ସାହାଯ୍ୟକରେ ।



ଟିପ୍ପଣୀ



**ପ୍ରଶ୍ନାବଳୀ:** ପ୍ରଶ୍ନାବଳୀ କେତେଗୁଡ଼ିଏ ପ୍ରଶ୍ନଧାରଣ କରିଥାଏ ଯେଉଁଗୁଡ଼ିକର ଅନୁକ୍ରିୟା ପ୍ରକାଶ କରିବା ବ୍ୟକ୍ତିପାଇଁ ଜରୁରୀ ଅଟେ। ପ୍ରଶ୍ନାବଳୀରେ ଥିବା ପ୍ରଶ୍ନଗୁଡ଼ିକ ଏକ ପରିମିତୋତ୍ତର ଆକାର କିମ୍ବା ବୃତ୍ତାନ୍ତ ଆକାରରେ ହୋଇପାରିବ। ପରିମିତୋତ୍ତର ଏକାଂଶଗୁଡ଼ିକରେ ବ୍ୟକ୍ତି ସୀମିତ ବିକଳ୍ପ ଉପଲବ୍ଧି କରିଥାଏ ଏବଂ ସେ ତନ୍ମଧ୍ୟରୁ ଗୋଟିଏ ବିକଳ୍ପ ବାଛିଥାଏ ଯାହା ଉକ୍ତ ଏକାଂଶ ଉପରେ ତା'ର ଉଦ୍ଦେଶ୍ୟକୁ ପ୍ରତିଫଳିତ କରେ। ବୃତ୍ତାନ୍ତ ଏକାଂଶଗୁଡ଼ିକରେ ବ୍ୟକ୍ତି ନିଜର ମନ ମୁତାବକ ଅନୁକ୍ରିୟା ପ୍ରକାଶ କରିବା ପାଇଁ ସ୍ୱାଧନତା ପାଇଥାଏ । ପ୍ରଶ୍ନାବଳୀଗୁଡ଼ିକର ଅନୁକ୍ରିୟା କିପରି ଭାବରେ ପ୍ରଦାନକରିବ ଏଥିପାଇଁ ଥିବା ନିର୍ଦ୍ଦେଶ ପ୍ରଥମ ପୃଷ୍ଠାରେ ଲେଖାଯାଇଥାଏ। ଏକ ସମୟରେ ଅନେକ ବ୍ୟକ୍ତିଙ୍କ ସଂପର୍କରେ ଆଧାର-ସାମଗ୍ରୀ ସଂଗ୍ରହ କରାଯାଇ ପାରେ କାରଣ ପ୍ରଶ୍ନାବଳୀ ଏକ ଗୋଷ୍ଠୀ ଉପରେ ଏକ ସମୟରେ ସୁବିଧାରେ ପ୍ରୟୋଗ କରାଯାଇପାରିବ। ପ୍ରଶ୍ନାବଳୀଗୁଡ଼ିକ ଅତ୍ୟନ୍ତ ସରଳ ଓ ସ୍ପଷ୍ଟ ଭାବରେ ଲେଖାଯାଇଥାଏ ଯାହାକୁ ଜଣେ ବ୍ୟକ୍ତି ସୁବିଧାରେ ବୁଝିପାରିବ। ଏଥିରେ ଥିବା ସମସ୍ତ ଏକାଂଶଗୁଡିକ ବ୍ୟକ୍ତିର ବିଭିନ୍ନ ଗୁଣକୁ ମାପ କରିଥାଏ। ଏକାଂଶଗୁଡିକ ସାଧାରଣରୁ ବିଶିଷ୍ଟ ପର୍ଯ୍ୟନ୍ତ ସଜାଯାଇଥାଏ।

**ସାକ୍ଷାତକାର:** ଏହା ଆଧାର-ସାମଗ୍ରୀ ସଂଗ୍ରହର ଏକ ପଦ୍ଧତି ଯେଉଁଥିରେ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ କେତେଗୁଡିଏ ବିଷୟ ଉପରେ ସମ୍ମୁଖ ଆଦାନପ୍ରଦାନ ହୋଇଥାଏ । ଯେଉଁବ୍ୟକ୍ତି ସାକ୍ଷାତ୍‌କାର କରାଏ ତାକୁ ସାକ୍ଷାତ୍‌କାର ନେବା ଲୋକ ବା ସାକ୍ଷାତକର୍ତ୍ତା ଏବଂ ଯେଉଁ ବ୍ୟକ୍ତି ଅନୁକ୍ରିୟା ପ୍ରଦାନ କରେ ତାକୁ ସାକ୍ଷାତକାର ଦେବା ଲୋକ କୁହାଯାଏ । ସାକ୍ଷାତ୍‌କାରଗୁଡିକ ଟେଲିଫୋନ୍, ଇଣ୍ଟରନେଟ ଏବଂ ଭିଡ଼ିଓ କନ୍‌ଫରେନସିଂ ମାଧ୍ୟମରେ କରାଯାଏ । ସାକ୍ଷାତ୍‌କାରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ୟକ୍ତିର ବିଭିନ୍ନ ଗୁଣଗୁଡ଼ିକୁ ଯଥା ମନୋବୃତି, ମୂଲ୍ୟବୋଧ, ଆଗ୍ରହ ଏବଂ ପସନ୍ଦଗୁଡ଼ିକ ବୁଝିବା ।

ତଥ୍ୟ ସଂଗ୍ରହ ପାଇଁ ଦୁଇ ପ୍ରକାରର ସାକ୍ଷାତ୍‌କାର ବ୍ୟବହୃତ ହୁଏ । ସେଗୁଡ଼ିକ ହେଲା ସଂରଚିତ ସାକ୍ଷାତକାର ଏବଂ **ଅସଂରଚିତ ସାକ୍ଷାତକାର**। ସଂରଚିତ ସାକ୍ଷାତକାରର ପ୍ରଶ୍ନଗୁଡ଼ିକ ତାହାର ସମ୍ଭାବ୍ୟ ଉତ୍ତରଗୁଡିକ ସହିତ ତିଆରି କରାଯାଇଥାଏ । ସାକ୍ଷାତକାର ଦେବାଲୋକ ଉକ୍ତ ସାମ୍ଭାବ୍ୟ ଉତ୍ତରଗୁଡ଼ିକ ମଧ୍ୟରୁ ସଠିକ ଉତ୍ତରଟି ବାଛି ନିଜର ଅନୁକ୍ରିୟା ଦେଖାଇବାକୁ ପଡ଼ିଥାଏ । ଉଦାହରଣସ୍ୱରୂପ, ବନ୍ଧୁତ୍ୱର ମନୋବୃତିକୁ ମାପ କରିବା ପାଇଁ ସଜାଯାଇଥିବା ଧାରାଗୁଡିକ ଏପରି ଭାବରେ ରହିଥାଏ ଯଥା - ଅତ୍ୟଧିକ ବନ୍ଧୁତ୍ୱ, ବେଳେବେଳେ ବନ୍ଧୁତ୍ୱ, କମ୍ ବନ୍ଧୁତ୍ୱ ଇତ୍ୟାଦି। ଅସଂଚରିତ ସାକ୍ଷାତକାର କମ୍ ନମନୀୟ ଅଟେ । ଏହା ଅନେକ ପ୍ରକାରର ଅପୂର୍ଣ୍ଣ ବାକ୍ୟ ପ୍ରଶ୍ନକୁ ନେଇ ଗଠିତ ଏବଂ ସାକ୍ଷାତ୍‌କାର ଦେବା ଲୋକ ନିଜର ଅନୁକ୍ରିୟା ଯେତେଦୂର ସମ୍ଭବ ସ୍ୱାଧିନ ଭାବରେ ଦେଇଥାଏ । ସାକ୍ଷାତକାର ସମୟରେ ସାକ୍ଷାତକାର ନେବାଲୋକ ନିଜେ ମଧ୍ୟ ପ୍ରଶ୍ନ ପ୍ରସ୍ତୁତ କରିଥାଏ ଓ ପ୍ରସ୍ତୁତ ପ୍ରଶ୍ନଗୁଡିକୁ ମଧ୍ୟ ପୁନଃ-ପ୍ରସ୍ତୁତ କରି ସମ୍ପୁର୍ଣ୍ଣ ସାକ୍ଷାତକାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ଏକ ନିର୍ଦ୍ଧିଷ୍ଟ ଚାକିରି ପାଇଁ ଏକ ସଠିକ୍ ବ୍ୟକ୍ତି ଚୟନ କରିବା ହେଉଛି ଅସଂଚରିତ ସାକ୍ଷାତକାରର ଏକ ଉତ୍ତମ ଉଦାହରଣ।

ଏହି ସାକ୍ଷାତକାର ସଂଚାଳନ କରିବାକୁ ହେଲେ ସାକ୍ଷାତକାର ନେବା ଲୋକର କେତେଗୁଡିଏ ଦକ୍ଷତା ରହିବା ଉଚିତ୍ ଯାହାକି ତାକୁ ସାକ୍ଷାକାର ଦେବା ଲୋକଠାରୁ ଅଧିକ ମାତ୍ରାରେ ଅନୁକ୍ରିୟା ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । ଜଣେ ସାକ୍ଷାତକାର ନେବା ବ୍ୟକ୍ତି ଖୁବ ସହଜରେ ସାକ୍ଷାତକାର ଦେବା ବ୍ୟକ୍ତି ସହ ସମ୍ପର୍କ ସୃଷ୍ଟିକରି

ସାକ୍ଷାତକାର ସମୟରେ ତା'ର ଉଦ୍‌ବେଗ ଉପଶମ କରି ତାକୁ ଆରାମ ପ୍ରଦାନ କରିଥାଏ । ତା'ର ନିଜ ଭାଷା ଉପରେ ଆଧିପତ୍ୟ ରହିଥାଏ ଯାହାକି ତାକୁ କଷ୍ଟକର ପ୍ରଶ୍ନଗୁଡ଼ିକ ଅତି ସହଜ ଓ ସରଳ ଭାବରେ ଉପସ୍ଥାପନ କରି ଗଭୀରତମ ପ୍ରଦେଶକୁ ପ୍ରବେଶ କରିବା ପାଇଁ ସାହାଯ୍ୟ କରେ। ସେ ନିଜର ଅନୁଭବ ଓ ପ୍ରକ୍ଷୋଭ ଉପରେ ନିୟନ୍ତ୍ରଣ କରିଥାଏ ଯାହାକି ସାକ୍ଷାତକାର ଦେବା ବ୍ୟକ୍ତିକୁ ସାକ୍ଷାତକାର ସମୟରେ କୌଣସି ସଂକେତ ପ୍ରଦାନ କରିନଥାଏ ।

ମନୋବିଜ୍ଞାନ କ୍ଷେତ୍ରରେ ତୁମେ ବିଭିନ୍ନ ପ୍ରକାରର ଆଭିମୁଖ୍ୟ ଶିକ୍ଷାକଲ ଯାହାକି ତୁମକୁ ମନୁଷ୍ୟ ବ୍ୟବହାରର କାରଣ ଓ ପ୍ରକୃତି ବିଷୟରେ ଜାଣିବା ପାଇଁ ସାହାଯ୍ୟ କରେ ଓ ଏହାର ବିଭିନ୍ନ ପ୍ରକାର ପ୍ରଣାଳୀକୁ ଆମକୁ ମାନସିକ ପ୍ରକ୍ରିୟା ବିଷୟରେ ଅଧିକ ଜ୍ଞାନ ଆହରଣ ପାଇଁ ସାହାଯ୍ୟ କରେ ।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୨.୩

(୧) ଏକ --------------------- ବ୍ୟକ୍ତିର ବିଭିନ୍ନ ପ୍ରକାର ଗୁଣ ଏବଂ ତ୍ରୁଟିଗୁଡ଼ିକର ବସ୍ତୁନିଷ୍ଠ ନିର୍ଦ୍ଧାରଣ କରିଥାଏ ।

(୨) ଏକ ପରୀକ୍ଷଣର --------------------------------- ଏହାର ପ୍ରତିନିଧିତ୍ୱ କରୁଥିବା ନମୁନାରୁ ଯେଉଁଥିପାଇଁ ଏହା ତିଆରି କରାଯାଇଅଛି ତାହାର ଫଳାଙ୍କର ସୁସଂଗତିର ବିଶ୍ୱାସନୀୟତାକୁ ବୁଝାଇଥାଏ ।

(୩) ଏକ ପରୀକ୍ଷଣର --------------------------- ପରୀକ୍ଷଣ ଯାହା ମାପ କରିବା ପାଇଁ ଦାବି କରିଥାଏ ସେହି ପ୍ରକାରର ମାପ ପରିପ୍ରକାଶ କରିଥାଏ ।

(୪) ଏକ ------------------------- କେତେକ ଅସ୍ପଷ୍ଟ, ଅନିଶ୍ଚିତ ଏବଂ ଅରଚନାତ୍ମକ ଉଦୀପକ ସମୂହ ଯଥା-ଛବି, ସ୍ୟାହି ଛାପ, ଚିତ୍ର, ଅସମ୍ପୂର୍ଣ୍ଣ ବାକ୍ୟ ଇତ୍ୟାଦି ବ୍ୟବହର କରିଥାଏ ।

(୫) ପ୍ରଶ୍ନାବଳୀରେ ଥିବା ପ୍ରଶ୍ନଗୁଡ଼ିକ ଏକ --------------------- ଆକାର କିମ୍ବା ------------------ ଆକାରରେ ହୋଇପାରିବ ।

(୬) ସାକ୍ଷାତକାର ଆଧାର-ସାମଗ୍ରୀ ସଂଗ୍ରହର ଏକ ପଦ୍ଧତି ଭାବରେ କେତେଗୁଡ଼ିଏ ବିଷୟକୁ ନେଇ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ --------------------------କୁ ବୁଝାଇଥାଏ ।

(୭) ------------------------- କ୍ଷେତ୍ରରେ ପ୍ରଶ୍ନଗୁଡ଼ିକ ତାହାର ସାମ୍ଭାବ୍ୟ ଉତ୍ତରଗୁଡ଼ିକ ସହିତ ତିଆରି କରାଯାଇଥାଏ ।

(୮) ------------------------------ ଅନେକ ପ୍ରକାରର ଅପୂର୍ଣ୍ଣ ବାକ୍ୟ ପ୍ରଶ୍ନକୁ ନେଇ ଗଠିତ ଏବଂ ସାକ୍ଷାତକାର ଦେବା ଲୋକ ନିଜର ଅନୁକ୍ରିୟା ଯେତେଦୁର ସମ୍ଭବ ସ୍ୱାଧିନ ଭାବରେ ଦେଇଥାଏ ।

## ତୁମେ ଯାହାକିଛି ଶିକ୍ଷା ଲାଭକଲ

- ବ୍ୟବହାର ଓ ମାନସିକ ପ୍ରକ୍ରିୟାଗୁଡିକ ବିଶ୍ଳେଷଣ, ବର୍ଣ୍ଣନା, ଅନୁମାନ ଓ ନିୟନ୍ତ୍ରଣ କରିବା ପାଇଁ କେତେଗୁଡ଼ିଏ ଆଭିମୁଖ୍ୟ ରହିଅଛି । ମୁଖ୍ୟ ଆଭିମୁଖ୍ୟଗୁଡ଼ିକ ହେଲା ଜୈବିକ, ମନୋବିଶ୍ଳେଷଣାତ୍ମକ, ବ୍ୟବହାରବାଦୀ, ମାନବତାବାଦୀ ଏବଂ ଜ୍ଞାନାତ୍ମକ । ବୈଜ୍ଞାନିକ ପ୍ରଣାଳୀଗୁଡିକର ବସ୍ତୁନିଷ୍ଠତା, ପରୀକ୍ଷଣୀୟତା, ଆତ୍ମ-ସଂଶୋଧନ ଏବଂ ପୁନରାବୃତ୍ତି ଗୁଣଗୁଡିକ ରହିଥାଏ ।
- ବିଭିନ୍ନ ପ୍ରକାର ପ୍ରଣାଳୀଗୁଡିକ ମନୁଷ୍ୟ ବ୍ୟବହାରକୁ ବୁଝିବା ପାଇଁ ବ୍ୟବହୃତ ହୁଏ । ପର୍ଯ୍ୟବେକ୍ଷଣ ପ୍ରଣାଳୀ ଏକ ପରୀକ୍ଷାଗାର କିମ୍ବା ପ୍ରାକୃତିକ ପରିବେଶରେ ଏକ ଘଟଣାନୁଭୂତି ବର୍ଣ୍ଣନା କରିବା ପାଇଁ ସାହାଯ୍ୟ କରେ । ଏହା ସହଭାଗୀ କିମ୍ବା ଅସହଭାଗୀ ହୋଇପାରିବ ।
- ସଂପରୀକ୍ଷଣ ପ୍ରଣାଳୀ ଏକ ପରିବର୍ତ୍ତୀକୁ କାର୍ଯ୍ୟକାରୀ ଏବଂ ନିୟନ୍ତ୍ରଣାଧିନ କରି ଗୋଟିଏ ପରବର୍ତ୍ତୀ ଉପରେ ଅନ୍ୟର ପ୍ରଭାବ ବିଷୟରେ ଅଧ୍ୟୟନ କରଯାଏ ।
- ଘଟଣା ବୃତ୍ତାନ୍ତ ଜଣେ ବ୍ୟକ୍ତି ଉପରେ କେନ୍ଦ୍ରୀଭୂତ ହୋଇଥାଏ । ଉକ୍ତ ବ୍ୟକ୍ତିକୁ ତା'ର ଅର୍ନ୍ତଃନିହିତ ବିଷୟ ଉପରେ ଭଲ ଭାବରେ ଜାଣିବା ପାଇଁ ଅଧ୍ୟୟନ କରିଥାଏ ।
- ଏକ ପ୍ରଶ୍ନାବଳୀ କେତେଗୁଡ଼ିଏ ପ୍ରଶ୍ନ ଧାରଣ କରିଥାଏ ଯାହାକୁ ଅନୁକ୍ରିୟାକାରୀ ଉତ୍ତର କରେ ।ଏହା ପରିମିତୋତ୍ତର ବା ବୃତ୍ତାନ୍ତ ଧରଣର ହୋଇପାରିବ ।
- ସାକ୍ଷାତକାର ହେଉଛି କୌଣସି ଏକ ବିଷୟରେ ସମ୍ମୁଖ ଆଦାନ-ପ୍ରଦାନ । ସାକ୍ଷାତକାର ସଂରଚିତ କିମ୍ବା ଅସଂରଚିତ ହୋଇପାରିବ ।

## ଅନ୍ତିମ ପ୍ରଶ୍ନାବଳୀ

(୧) ମନୋବିଜ୍ଞାନୀମାନଙ୍କ ଦ୍ୱାରା ମାନସିକ ପ୍ରକ୍ରିୟାଗୁଡିକୁ ବୁଝିବା ପାଇଁ ବ୍ୟବହୃତ ତିନିଗୋଟି ପ୍ରଧାନ ଆଭିମୁଖ୍ୟ ବର୍ଣ୍ଣନା କର । କାହିଁକି ଆମେ ମନୁଷ୍ୟ ବ୍ୟବହାରକୁ ଜାଣିବା ପାଇଁ ଅନେକଗୁଡିଏ ଆଭିମୁଖ୍ୟ ଦରକାର କରୁ ?

(୨) ବିଜ୍ଞାନସମ୍ମତ ପ୍ରଣାଳୀର ଗୁଣଗୁଡିକ ବର୍ଣ୍ଣନା କର । ଆଧାର-ସାମଗ୍ରୀ ସଂଗ୍ରହ ପାଇଁ ବ୍ୟବହୃତ ପର୍ଯ୍ୟବେକ୍ଷଣର ଆଲୋଚନା କର।

(୩) ସଂପରୀକ୍ଷଣ ପ୍ରଣାଳୀକୁ ଏକ ବିଜ୍ଞାନସମ୍ମତ ପ୍ରଣାଳୀ ଭାବରେ ବର୍ଣ୍ଣନା କର । ପ୍ରାସଙ୍ଗିକ ପରବର୍ତ୍ତୀଗୁଡିକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟବହୃତ ପଦ୍ଧତିଗୁଡିକ ଚିହ୍ନଟ କର ।

(୪) ମନୁଷ୍ୟର ବ୍ୟବହାର ଏବଂ ମନୋସ୍ତାତ୍ତ୍ୱିକ ପ୍ରକ୍ରିୟାଗୁଡିକ ବୁଝିବାପାଇଁ ମନୋବୈଜ୍ଞାନିକ ସାଧନଗୁଡିକ କିପରି ଭାବରେ ବ୍ୟବହୃତ ହୁଏ ଆଲୋଚନା କର ।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ନିମନ୍ତେ ଉତ୍ତରମାଳା

**୨.୧**

୧. ଜୈବିକ ଆଭିମୁଖ୍ୟ

୨. ଜ୍ଞାନାତ୍ମକ ଆଭିମୁଖ୍ୟ

୩. ମାନବତାବଦୀ ଆଭିମୁଖ୍ୟ

୪. ମନୋବିଶ୍ଳେଷଣାତ୍ମକ ଆଭିମୁଖ୍ୟ

୫. ବ୍ୟବହାରବାଦୀ ଆଭିମୁଖ୍ୟ

**୨.୨**

୧. ସହଭାଗୀ, ଅସହଭାଗୀ

୨. କାର୍ଯ୍ୟକାରୀ, ନିୟନ୍ତ୍ରଣାଧିନ

୩. ବ୍ୟକ୍ତି

୪. ସ୍ୱାଧିନ, ନିୟନ୍ତ୍ରିତ

୫. ସର୍ବେକ୍ଷଣ

**୨.୩**

୧. ମନୋବୈଜ୍ଞାନିକ ପରୀକ୍ଷା

୨. ବିଶ୍ୱାସନୀୟତା

୩. ବୈଧତା

୪. ପ୍ରକ୍ଷୋପୀ ପରୀକ୍ଷଣ

୫. ପରିମିତୋତ୍ତର, ବି-ବୃତ୍ତାନ୍ତ

୬. ସମ୍ମୁଖ ଆଦାନପ୍ରଦାନ

୭. ସଂରଚିତ ସାକ୍ଷାତକାର

୮. ଅସଂରଚିତ ସାକ୍ଷାତକାର

## ଅନ୍ତିମ ପ୍ରଶ୍ନାବଳୀ ନିମନ୍ତେ ସହାୟତାକାରୀ ସୂଚନା

୧. ଭାଗ ୧.୩ର ସହାୟତା ନିଅ।

୨. ଭାଗ ୧.୫ର ସହାୟତା ନିଅ।

୩. ଭାଗ୧.୬ର ସହାୟତା ନିଅ।

# ୩

# ବ୍ୟକ୍ତିଗତ ଭିନ୍ନତା

ପ୍ରାୟତଃ ଏହା କୁହାଯାଏ ଯେ ଦୁଇଜଣ ବ୍ୟକ୍ତି ପରସ୍ପରର ଅନୁରୂପ ହୋଇନଥାନ୍ତି, ସେମାନେ କେତେକ ବା ଅନ୍ୟନ୍ୟ କ୍ଷେତ୍ରରେ ପରସ୍ପରଠାରୁ ଭିନ୍ନ ହୋଇଥାନ୍ତି । ସୁତରାଂ ମନୋବୈଜ୍ଞାନିକଙ୍କର କାର୍ଯ୍ୟହେଉଛି ବ୍ୟକ୍ତି ମାନଙ୍କର ଅନନ୍ୟତାକୁ ଚିହ୍ନିବା ଏବଂ ବୁଝିବା । ବ୍ୟକ୍ତିମାନଙ୍କ ମଧ୍ୟରେ ଏହି ସାମଞ୍ଜସ୍ୟ ବା ଭିନ୍ନତା ବ୍ୟକ୍ତିଗତ ଭିନ୍ନତାକୁ ପ୍ରକଟିତ କରେ । ଯେତେବେଳେ ଆମ ପାରିପାର୍ଶ୍ୱରେ ଲୋକମାନଙ୍କୁ ଦେଖୁ ତେବେ ମନରେ ପ୍ରଶ୍ନଆସେ କିପରି ଏବଂ କାହିଁକି ଲୋକମାନେ ପରସ୍ପର ସହିତ ସମାନ ବା ଅଲଗା ଜଣାପଡ଼ନ୍ତି ? ଦୃଷ୍ଟାନ୍ତ ସ୍ୱରୂପ, ଯେତେବେଳେ ଆମେ ଶାରୀରିକ ରୂପ ସମ୍ବନ୍ଧରେ ଚିନ୍ତାକରୁ ଆମେ ପ୍ରାୟତଃ ନିଜକୁ ପ୍ରଶ୍ନକରୁ ଯେ କାହିଁକି କେତେକ ବ୍ୟକ୍ତି ଶ୍ୟାମଳ ବା ଗୌରବବର୍ଣ୍ଣ କେତେକ ବ୍ୟକ୍ତି ଦୀର୍ଘକାୟ ଓ ଅନ୍ୟ କେତେକ ଖର୍ବକାୟ ଏବଂ କେତେକ କ୍ଷୀଣକାୟ ଓ ଅନ୍ୟ କେତେକ ପୃଥୁଳକାୟ ହୋଇଛନ୍ତି । ଆମେ ଯେତେବେଳେ ସେମାନଙ୍କର ମାନସିକ ଗୁଣାବଳୀ ସମ୍ବନ୍ଧରେ ଚିନ୍ତାକରେ ଆମେ ପ୍ରାୟ ଏପରି ଲୋକମାନଙ୍କ ସଂପର୍କରେ ଆସୁ ଯେଉଁ ମାନେ ଅଧିକ କଥନଶୀଳ କିମ୍ବା ଅଳ୍ପ କଥନଶୀଳ ଅଟନ୍ତି; କେତେକ ଅତ୍ୟଧିକ ହାସ୍ୟ ପ୍ରଦର୍ଶିତ କଲାବେଳେ ଅନ୍ୟ କେତେକ ହାସ୍ୟ ପ୍ରକାଶ ନିମନ୍ତେ ଅଧିକ ସମୟ ନେଇଥାନ୍ତି, କେତେକ ଅତ୍ୟନ୍ତ ବଂଧୁ ବତ୍ସଳ ହୋଇଥିବା ବେଳେ ଅନ୍ୟ କେତେକ ଏକୁଟିଆ ରହିବା ପାଇଁ ପସନ୍ଦ କରନ୍ତି । ଆମର ଦୈନନ୍ଦିନ ଜୀବନରେ ଆମକୁ ବିବ୍ରତ କରୁଥିବା ଏତାଦୃଶ ସମସ୍ତ ପ୍ରଶ୍ନର ଉତ୍ତର ପ୍ରଦାନ କରିବା ନିମନ୍ତେ ଏହି ଅଧ୍ୟାୟରେ ପ୍ରୟାସ କରାଯାଇଛି । ମନୋବିଜ୍ଞାନରେ ଏଗୁଡ଼ିକୁ ବ୍ୟକ୍ତିଗତ ଭିନ୍ନତା ବୋଲି କୁହାଯାଏ ଯାହାକି ବୁଦ୍ଧି, ବ୍ୟକ୍ତିତ୍ୱ, ଆଗ୍ରହ ଏବଂ ଅଭିରୁଚି ସଦୃଶ କେତେକ ଗୁରୁତ୍ୱପୂର୍ଣ୍ଣ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ବ୍ୟକ୍ତିମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ କିମ୍ବା ସାମଞ୍ଜସ୍ୟମାନଙ୍କର ପରିମାଣ ଏବଂ ପ୍ରକାରଭେଦକୁ ବୁଝାଏ । ବ୍ୟକ୍ତିମାନଙ୍କ ମଧ୍ୟରେ ଥିବା ଏହି ସାମଞ୍ଜସ୍ୟ ବା ପାର୍ଥକ୍ୟକୁ କିପରିମୂଲ୍ୟାୟନ କରାଯାଏ ତାହାକୁ ବୁଝିବାରେ ମଧ୍ୟ ଏହି ଅଧ୍ୟାୟ ସହାୟକ ହେବ ।


## ଉଦ୍ଦେଶ୍ୟ

**ଏହି ଅଧ୍ୟାୟ ପଠନପରେ ତୁମେ ନିମ୍ନୋକ୍ତ ଦକ୍ଷତା ହାସଲ କରିପାରିବ :**

- ବ୍ୟକ୍ତିଗତ ଭିନ୍ନତାର ପ୍ରକୃତି ସମ୍ବନ୍ଧରେ ବର୍ଣ୍ଣନା କରିବା,
- ବ୍ୟକ୍ତିଗତ ଭିନ୍ନତାର ମୂଲ୍ୟାୟନ କିପରି କରାଯାଏ ତା'କୁ ବୁଝିବା,
- ବୁଦ୍ଧିମତ୍ତାର ପ୍ରକୃତି ଓ ସଂଜ୍ଞା ଏବଂ ଏହାକୁ ପରିମାପନ କରିବା ନିମନ୍ତେ ସାଧନମାନଙ୍କର ଆଲୋଚନାକରିବା,
- ଅଭିବୃତ୍ତିର ପ୍ରକୃତ ଓ ସଂଜ୍ଞା ଏବଂ ଏହାକୁ ପରିମାପନ କରିବା ନିମନ୍ତେ ସାଧନମାନଙ୍କର ଆଲୋଚନାକରିବା,
- ଆଗ୍ରହ ଏବଂ ଏହାର ପରିମାପନ ନିମନ୍ତେ ଉପକରଣର ବ୍ୟାଖ୍ୟା କରିବା,
- ବ୍ୟକ୍ତିତ୍ୱର ପ୍ରକୃତି ଆଲୋଚନା କରିବା ଏବଂ ବ୍ୟକ୍ତିତ୍ୱର ମୂଲ୍ୟାୟନ ନିମନ୍ତେ ବ୍ୟବହୃତ ହେଉଥିବା ବିଭିନ୍ନ କୌଶଳ ମାନଙ୍କର ବର୍ଣ୍ଣନା କରିବା ।

## ୩.୧ ବ୍ୟକ୍ତିଗତ ଭିନ୍ନତାର ପ୍ରକୃତି

ଦେଖାଯାଇଅଛି ଯେ ଯଦି ଏକ ବଡ଼ ନମୁନାରୁ ବ୍ୟକ୍ତିମାନଙ୍କର ବୈଶିଷ୍ଟ୍ୟ ସଂପର୍କରେ ଆମେ ସୂଚନା ସଂଗ୍ରହ କରି ବିତରଣର ବିନ୍ୟାସକୁ ପରୀକ୍ଷାକରିବା ତେବେ ଆମେ ଦେଖିବା ଯେ ବହୁସଂଖ୍ୟକ ଲୋକ ମଧ୍ୟ ଭାଗରେ ରହିବାବେଳେ ଅଳ୍ପଭାଗ ଲୋକେ ଦୁଇପ୍ରାନ୍ତରେ ରହିବେ। ଉଦାହରଣ ସ୍ୱରୂପ, ଅଧିକାଂଶ ବ୍ୟକ୍ତି ସାଧାରଣ ଉଚ୍ଚତା ବର୍ଗରେ ରହନ୍ତି ଏବଂ ଖୁବ୍ କମ୍ ବ୍ୟକ୍ତି ଅତି ଖର୍ବକାୟ ବା ଅତି ଦୀର୍ଘକାୟ ବର୍ଗରେ ରହିଥାନ୍ତି। ଏହା ବୁଦ୍ଧିମତ୍ତା ଏବଂ ଅନ୍ୟାନ୍ୟ ମନସ୍ତାତ୍ତ୍ୱିକ ଗୁଣାବଳୀ ସମେତ ଅଧିକାଂଶ ବୈଶିଷ୍ଟ୍ୟମାନଙ୍କ ନିମନ୍ତେ ମଧ୍ୟ ସତ୍ୟ।




**ଚିତ୍ର – ୩.୧ ବ୍ୟକ୍ତିମାନଙ୍କର ଏକ ବଡ଼ ନମୁନାରେ ଉଚ୍ଚତାର ବିତରଣ**

ବ୍ୟକ୍ତିମାନେ ପରସ୍ପରଠାରୁ ଭିନ୍ନ, ଏହା ଏକ ଅତ୍ୟନ୍ତ ସାଧାରଣ ପର୍ଯ୍ୟବେକ୍ଷଣ। ମନସ୍ତାତ୍ତ୍ୱିକ ଗୁଣାବଳୀରେ ଭିନ୍ନତା ପ୍ରାୟତଃ ସଂଗତିପୂର୍ଣ୍ଣ ଏବଂ ଏକ ସ୍ଥିର ଢାଞ୍ଚା ଗଠନକରେ। ସ୍ଥିର ରହିବାର ଅର୍ଥ ହେଉଛି ଯେ ଲୋକମାନେ ସେମାନଙ୍କର ଆଚରଣରେ ନିୟମିତତା ପ୍ରଦର୍ଶନ କରନ୍ତି ଏବଂ ବ୍ୟବହାର ପରିବର୍ତ୍ତନ ହୁଏନାହିଁ। ବ୍ୟବହାରରେ ଏହି ସଂଗତି ଓ ସ୍ଥିରତା ରହିବାର ଅର୍ଥ ହେଉଛିଯେ ଲୋକମାନେ ସେମାନଙ୍କର ଆଚରଣରେ ନିୟମିତତା ପ୍ରଦର୍ଶନ କରନ୍ତି ଏବଂ ବ୍ୟବହାରର ଢ଼ାଂଚା ବାରମ୍ବାର ପରିବର୍ତ୍ତନ ହୁଏନାହିଁ। ବ୍ୟବହାରରେ ଏହି ସଂଗତି ଓ ସ୍ଥିରତା ପ୍ରତ୍ୟେକ ବ୍ୟକ୍ତି ବିଶେଷ ନିମନ୍ତେ ସ୍ୱତନ୍ତ୍ର ଆନୁବଂଶିକ ଆଧାର ଏବଂ ଯେଉଁ ପରିବେଷ୍ଟନୀରେ ପାଳିତ ତାହା ଅନୁଯାୟୀ ଲୋକମାନଙ୍କର ସ୍ୱତନ୍ତ୍ର ଗୁଣାବଳୀ ବା ବୈଶିଷ୍ଟ୍ୟ ଏବଂ ଆଚରଣର ଢ଼ାଞ୍ଚା ବିକାଶିତ ହୋଇଥାଏ। ଆମ୍ଭେମାନେ ଏହି ଭିନ୍ନତାକୁ ସଠିକ୍ ରୂପେ ଜାଣିପାରିଲେ ସେମାନଙ୍କର ସୁସ୍ଥ ବିକାଶ ନିମନ୍ତେ ଲୋକମାନଙ୍କର ସାମର୍ଥ୍ୟର ଫଳପ୍ରଦ ବିନିଯୋଗ କରିପାରିବା। ବ୍ୟକ୍ତିକୁ ସହାୟତା ପ୍ରଦାନ କରିବା ଏବଂ ତା'ର ସାମର୍ଥ୍ୟକୁ ସର୍ବୋଚ୍ଚସ୍ତର ପର୍ଯ୍ୟନ୍ତ ବିନିଯୋଗ କରିବା ଉପଲକ୍ଷେ ତା'ର ସ୍ୱତନ୍ତ୍ର ଗୁଣାବଳୀ ସମ୍ବନ୍ଧରେ ଜାଣିବା ଆବଶ୍ୟକ।

ଆନୁବଂଶିକ ଏବଂ ପରିବେଷ୍ଟନୀଗତ କାରକମାନଙ୍କର ପାରସ୍ପରିକ କ୍ରିୟା ଯୋଗୁଁ ବ୍ୟକ୍ତିଗତ ଭିନ୍ନତା ସଂଘଟିତ ହୋଇଥାଏ। ଆନୁବଂଶିକ ସଂକେତମାଳା ମାଧ୍ୟମରେ ଆମେ ଆମର ପିତାମାତାଙ୍କଠାରୁ ନିର୍ଦ୍ଦିଷ୍ଟ କେତେକ ବୈଶିଷ୍ଟ ହାସଲକରୁ। ବ୍ୟକ୍ତିପ୍ରରୂପ ବା ଆମର ଗୁଣାବଳୀର ପ୍ରକଟିତ ଅବସ୍ଥା ସାମାଜିକ –ସାଂସ୍କୃତିକ ପରିବେଷ୍ଟନୀର ଅବଦାନଉପରେ ନିର୍ଭର କରେ। ଏହାହିଁ କାରଣ ଯେ ଆମେ କାହିଁକି ଆମର ପିତାମାତାଙ୍କ ସହ ସଂପୂର୍ଣ୍ଣ ଏକାପରି ହୋଇନଥାଏ ଏବଂ ସେମାନେ କାହିଁକି ଆମ ଜେଜେବାପା (ବା ଅଜା) ଓ ଜେଜେମାଆ (ବା ଆଇ) ମାନଙ୍କସହ ସଂପୂର୍ଣ୍ଣ ସମାନ ହୋଇନଥାନ୍ତି। ଉଚ୍ଚତା, ଚକ୍ଷୁବର୍ଣ୍ଣ, ନାସାର ଆକାର ସଦୃଶ କେତେକ ଶାରୀରିକ ଗୁଣାବଳୀ କ୍ଷେତ୍ରରେ ଆମେ ଆମ ପିତାମାତାଙ୍କ ସହିତ ସାମଞ୍ଜସ୍ୟ ହାସଲ କରିଥାଏ। ବୁଦ୍ଧିଗତ ଦକ୍ଷତା, କ୍ରୀଡ଼ାପ୍ରତି ଆଦର, ସୃଜନଶୀଳତା ଆଦି କେତେକ ଜ୍ଞାନାତ୍ମକ, ଆବେଗାତ୍ମକ ଏବଂ ଅନ୍ୟାନ୍ୟ ବୈଶିଷ୍ଟ୍ୟମାନଙ୍କୁ ମଧ୍ୟ ପିତାମାତାଙ୍କଠାରୁ ଆମେ ବଂଶାନୁସରଣ କରିଥାଏ। ତେବେ ସେ ଯାହା ହେଉ, ଆମେ ଯେଉଁ ପରିବେଷ୍ଟନୀରେ ବାସ କରେ ତା'ର ସହାୟତା ଦ୍ୱାରା ଆମର ଗୁଣାବଳୀ ଅଧିକ ବିକଶିତ ହୁଏ।

ଆମ୍ଭେମାନେ କିପରି ଲାଳିତପାଳିତ ହେଉଛେ, ଗୃହର ବାତାବରଣ, ଏହା କୋହଳ ବା କଠୋର, କେଉଁ ପ୍ରକାର ଶିକ୍ଷା ଆମେ ପାଉଛେ, ଆମେ ଚତୁଃପାର୍ଶ୍ୱରେ ଥିବା ଲୋକ ମାନଙ୍କଠାରୁ, ପୁସ୍ତକମାନଙ୍କରୁ, ସାଂସ୍କୃତିକ ଚଳଣି, ସାଂଗସାଥୀ, ଶିକ୍ଷକବର୍ଗ ଏବଂ ଗଣ ମାଧ୍ୟମଠାରୁ କ'ଣ ସବୁ ଶିକ୍ଷା କରୁଛେ ଏଥିପାଇଁ ପରିବେଷ୍ଟନୀ ହିଁ ଦାୟୀ। ଏହି ସମସ୍ତ କ୍ଷେତ୍ର ପରିବେଷ୍ଟନୀକୁ ବୁଝାଏ ଯାହାକି ଆମର ସାମର୍ଥ୍ୟକୁ ବିକଶିତ କରିବାରେ ସାହାଯ୍ୟ

କରେ। ନମୁନା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ପରିବେଷ୍ଟନୀ ଆମର ଅନେକ ଗୁଣାବଳୀ ଏବଂ କୌଶଳର ବିକାଶକୁ ସହାୟତା ପ୍ରଦାନ କରିଥାଏ। ଆମ୍ଭେମାନେ କିପରି ବ୍ୟକ୍ତିହେବା ତାହାକୁ ଆମର ବଂଶାନୁସରଣ ଏକାକୀ ନିର୍ଣ୍ଣୟ କରେ ନାହିଁ, ଆମ ପରିବେଷ୍ଟନୀର ମଧ୍ୟ ଏଥିରେ ଯଥେଷ୍ଟ ଅବଦାନଅଛି। ଡକ୍ଟର ବାବା ସାହେବ ଅମ୍ବେଦକରଙ୍କର ଉଦାହରଣ ସମ୍ବନ୍ଧରେ ଆମେ ଜାଣୁ, ଯିଏକି ଅତ୍ୟନ୍ତ ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରିଥିଲେ କିନ୍ତୁ ଉପଯୁକ୍ତ ଶିକ୍ଷା ଓ ପରିବଷ୍ଟେନୀ ଦ୍ୱାରା ଜଣେ ପ୍ରସିଦ୍ଧ ଆଇନଜୀବୀ ହୋଇପାରିଥିଲେ ଏବଂ ଭାରତର ସମ୍ବିଧାନ ମଧ୍ୟ ପ୍ରସ୍ତୁତ କରିଥିଲେ। ନିକଟତମ ଓ ଅଧିକ ଜଣାଶୁଣା ଦୃଷ୍ଟାନ୍ତ ହେଉଛନ୍ତି ଆମର ପୂର୍ବତନ ରାଷ୍ଟ୍ରପତି ଡ଼ଃ ଏ.ପି.ଜେ. ଅବଦୁଲ କାଲାମ। ଏପରି ଅନେକ ଉଦାହରଣ ତୁମେ ସ୍ମରଣ କରିପାର ଯେଉଁମାନେ ବଂଶାନୁସରଣ ଯୋଗୁଁ ନୁହେଁ ବରଂ ପରିବେଷ୍ଟନୀ ଯୋଗୁଁ ମହାନ ହୋଇପାରିଛନ୍ତି। ବର୍ତ୍ତମାନ ତୁମେ ଜାଣିପାରୁଥିବ ଯେ ଆମର ଆନୁବଂଶିକ ସଂକେତଗୁଡ଼ିକରେ ଭିନ୍ନତା ରହିଛି। ଠିକ୍ ସେହିପରି ପରିବେଷ୍ଟିନୀ ମଧ୍ୟ ବ୍ୟକ୍ତିମାନଙ୍କ ନିମନ୍ତେ ଭିନ୍ନ ଭିନ୍ନ। ଏହାବି ଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରି ସୀମା ସ୍ଥିରକରେ ବା ବିସ୍ତାରର ସଂଜ୍ଞା ନିରୂପଣକରେ। ଏହି କାରଣରୁ ଆମ ପ୍ରତ୍ୟେକଙ୍କର ବିକାଶର ଢ଼ାଞ୍ଚା ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଥାଏ। ଏହା ଆମକୁ ଚିନ୍ତା କରିବା ଲାଗି ବାଧ୍ୟକରେ ଯେ କାହିଁକି କେତେକ କ୍ଷେତ୍ରରେ ଆମେ ସମାନ ହେଉଥିବା ବେଳେ ଅନ୍ୟଥିରେ ଭିନ୍ନ ?

## ପାଠଭୁକ୍ତ ପ୍ରଶ୍ନ ୩.୧

୧. 'ବ୍ୟକ୍ତିଗତ ଭିଭ୍ନତା' ସମ୍ବନ୍ଧରେ ବ୍ୟାଖ୍ୟାକର।

## ୩.୨ ବ୍ୟକ୍ତିଗତଭିନ୍ନତାର ଆକଳନ

ମନୋବୈଜ୍ଞାନିକ ଆକଳନ କହିଲେ ବ୍ୟକ୍ତିଗତ ଯୋଗ୍ୟତା, ବ୍ୟବହାର ଏବଂ ବ୍ୟକ୍ତିର ସାମର୍ଥ୍ୟ ନିରୂପଣରେ ନିର୍ଦ୍ଦିଷ୍ଟ ପଦ୍ଧତିର ପ୍ରୟୋଗକୁ ବୁଝାଏ। ଏହି ପଦ୍ଧତି ଗୁଡ଼ିକ ବ୍ୟକ୍ତିବିଶେଷ ଅନ୍ୟମାନଙ୍କଠାରୁ କେତେ ଭିନ୍ନ ବା କେତେ ସମାନ ତାହା ନିର୍ଦ୍ଦିଷ୍ଟ ଭାବରେ ବର୍ଣ୍ଣନା କରିଥାନ୍ତି, ଏପରି ଆକଳନ ଆମ୍ଭମାନଙ୍କଦ୍ୱାରା ଅନେକ ବାର କରାଯାଇଥାଏ, ଯେପରି ସୁନ୍ଦର, ଉତ୍ତମ, ଖରାପ, ଆକର୍ଷଣୀୟ, କୁତ୍ସିତ, ବୁଦ୍ଧିମାନ ଓ ନିର୍ବୋଧ ଭାବରେ ଆମେ ବିଚାର କରୁ। ଏପରି ବିଚାର ଅବଶ୍ୟ ଅନେକ ସମୟରେ ତ୍ରୁଟି ପୂର୍ଣ୍ଣ ହୋଇଥାଏ। ବିଜ୍ଞାନସମ୍ମତ ମନୋବିଜ୍ଞାନ ଏହି ପଦ୍ଧତିମାନଙ୍କୁ ଏପରି ସୁବ୍ୟବସ୍ଥିତ କରିବା ନିମନ୍ତେ ପ୍ରୟାସ କରେ ଯେପରି ସର୍ବନିମ୍ନ ତ୍ରୁଟି ଏବଂ ସର୍ବାଧିକ ନିର୍ଭୁଲତା ରକ୍ଷାକରି ମୂଲ୍ୟାୟନ ହୋଇପାରିବ। ମନୋବୈଜ୍ଞାନିକମାନେ ବୈଶିଷ୍ଟ୍ୟସବୁର ମୂଲ୍ୟାୟନ କରିବାପାଇଁ ପରିମାପକର ବିକାଶ କରିଛନ୍ତି। ଏକ ମନୋବିଜ୍ଞାନୀକ ପରିମାପକ ହେଉଛି ଯତ୍ନଶୀଳଭାବରେ ପୂର୍ବନିର୍ଦ୍ଦିଷ୍ଟ ଏକ ନମୁନା-ଆଚରଣ ସୃଷ୍ଟି କରିବାନିମନ୍ତେ ଏକ ସୁସଂଗଠିତ କୌଶଳର ପ୍ରୟାସ।

କୌଣସି ବ୍ୟକ୍ତି ବିଷୟରେ ସିଦ୍ଧାନ୍ତ ଗ୍ରହଣ କରିବାପାଇଁ ପରିମାପକଟି ବିଶ୍ୱାସନୀୟ, ବୈଧ ଓ ମାନକୀକୃତ ହେବା ଆବଶ୍ୟକ। ଗୋଟିଏ ପରିମାପକ ବ୍ୟକ୍ତିର ଏକ ନିର୍ଦ୍ଦିଷ୍ଟ ଗୁଣକୁ ସ୍ଥିରତାର ସହିତ ମାପ କରୁଥିଲେ ଏହା ବିଶ୍ୱାସନୀୟ ବୋଲି କୁହାଯିବ । ଉଦାହରଣ ସ୍ୱରୂପ, ଯଦି ତୁମେ କୌଣସି ଟିର ମୂଲ୍ୟାୟନ କରିବାକୁ ଯାଉଛ ଭିନ୍ନ ଭିନ୍ନ ପରିସ୍ଥିତିରେ ପ୍ରାପ୍ତ ଫଳାଙ୍କ ଅଙ୍କେ ବହୁତେ ସମାନ ହବା ଉଚିତ୍। ତେଣୁ ଗୋଟିଏ ପରିସ୍ଥିତିରେ ଜଣେ ବ୍ୟକ୍ତି ସାଧାରଣ ସ୍ତରର ବୁଦ୍ଧିମତା ପ୍ରଦର୍ଶନ କରୁଥିଲେ ଦୁଇ ସପ୍ତାହ ପରେ ମଧ୍ୟ ସେହି ସ୍ତରର ବୁଦ୍ଧିମତା ପ୍ରଦର୍ଶିତ ହେବା ଉଚିତ୍। ଯଦି ପରିମାପକଟି ବସ୍ତୁର ଦୁଇଟି ପରିସ୍ଥିତିରେ ମୂଲ୍ୟାୟନ କଲାବେଳେ ଦୁଇଟି ଭିନ୍ନ ଫଳାଙ୍କ ସୂଚାଏ ତେବେ ପରିମାକଟି ଅବିଶ୍ୱାସନୀୟ ବୋଲି କଥିତ ହେବ। ବୁଦ୍ଧିମତ୍ତାର ଏକ ପରିମାପକକୁ ବିଶ୍ୱାସନୀୟ ବୋଲି କୁହାଯାଇପାରିବ ଯଦି କେବଳ ଜଣେ ବ୍ୟକ୍ତି ଦୁଇଟିପରିସ୍ଥିତିରେ ଉଚ୍ଚ କିମ୍ବା ନିମ୍ନ ଫଳାଙ୍କ ସ୍ଥିରଭାବରେ ପ୍ରାପ୍ତ ହେବ। ଉତ୍ତମ ପରିମାପକର ଉଚ୍ଚମାନର ବିଶ୍ୱାସନୀୟତା ରହିଥାଏ।

ଯାହାକିଛିର ଆକଳନ କରିବା ଉଦ୍ଦେଶ୍ୟରେ ପରିମାପକଟିକୁ ପ୍ରସ୍ତୁତ କରାଯାଇଛି ତାହା କେତେ ମାତ୍ରାରେ ପରିମାପକ ଦ୍ୱାରା ହୋଇପାରୁଛି, ଏହାକୁ ହିଁ ପରିମାପକର ବୈଧତା ବୋଲି ବୁଝାପଡ଼େ। ବ୍ୟକ୍ତିତ୍ୱର ଏକ ବୈଧ

ପରିମାପକ ଜଣେ ବ୍ୟକ୍ତି ବ୍ୟକ୍ତିତ୍ୱର ସୂଚନାଙ୍କ ପ୍ରଦାନ କରେ ଏବଂ ପରିସ୍ଥିତିମାନଙ୍କରେ ବ୍ୟବହାର ସମ୍ବନ୍ଧରେ ପୂର୍ବାନୁମାନ କରେ ଯେଉଁଠାରେ ବ୍ୟକ୍ତିତ୍ୱର ସେହି ଦିଗଟି ପ୍ରାସଙ୍ଗିକ ହୋଇଥିବ।

ପରିଶେଷରେ ବ୍ୟବହାର ଉପଯୋଗୀ ହେବା ଲକ୍ଷ୍ୟରେ ମୂଲ୍ୟାୟନ ଉପକରଣଟି ମାନକୀକୃତ ହେବା ଉଚିତ୍। ମାନକୀକୃତ ପ୍ରକ୍ରିୟାରେ ସମାନ ଅବସ୍ଥାରେ ଓ ସମାନ ଭାବରେ ଯେପରି ଗୋଟିଏ ପରିମାପକକୁ ସମସ୍ତ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ପ୍ରୟୋଗ କରାଯାଇପାରିବ ତାହାର ପ୍ରଣାଳୀ ସ୍ଥାପନ କରିବା ଅନ୍ତର୍ଭୁକ୍ତ। ଏଥିରେ ସମୂହ ପ୍ରତିମାନର ନିର୍ଣୟ ମଧ୍ୟ ଅନ୍ତର୍ଭୁକ୍ତ ଯଦ୍ୱାରା ଏକ ନିର୍ଦ୍ଧାରିତ ଦଳରେ ଥିବା ଅନ୍ୟମାନଙ୍କ ସହ ଜଣେ ବ୍ୟକ୍ତିବିଶେଷର ଫଳାଙ୍କକୁ ତୁଳନା କରାଯାଇପାରିବ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏକ ପରିମାପକ ଜନିତ ଫଳାଙ୍କ କେବଳ ମାତ୍ର ଏକ ଆପେକ୍ଷିକ ଫଳାଙ୍କ, ଏହା ଭୌତିକ ପରିମାପନରେ ପ୍ରାପ୍ତ ହେଉଥିବା ଏକ ସ୍ୱତନ୍ତ୍ର ଫଳାଙ୍କ ପ୍ରଦାନ କରେନାହିଁ। ମାନକୀକୃତ ପ୍ରକ୍ରିୟା ପ୍ରୟୋଗ କ୍ଷେତ୍ରରେ ସମତ୍ୱ ଏବଂ ବସ୍ତୁନିଷ୍ଠତାକୁ ନିଶ୍ଚିତ କରିଥାଏ ଏବଂ ଫଳାଫଳକୁ ବ୍ୟାଖାଶୀଳ କରେ।

ମନୋବୈଜ୍ଞାନିକମାନେ ମନୁଷ୍ୟର ବିଭିନ୍ନ ବୈଶିଷ୍ଟ୍ୟମାନଙ୍କୁ ମାପିବା ପାଇଁ ପରିମାପକ ମାନଙ୍କର ବିକାଶ ଘଟାଇଛନ୍ତି। ବିଦ୍ୟାଳୟରେ ଆମେ ସଫଳତାର ପରିମାପକମାନଙ୍କୁ ବ୍ୟବହାର କରେ ଯାହାକି ବ୍ୟକ୍ତି କେତେ ମାତ୍ରାରେ ଶିକ୍ଷାହାସଲ କରିଛନ୍ତି ତା'ର ମାପ କରେ। ମନୋବୈଜ୍ଞାନିକମାନେ ଦକ୍ଷତା ଏବଂ ବ୍ୟକ୍ତିତ୍ୱର ପରିମାପକମାନଙ୍କର ବହୁଳ ବ୍ୟବହାର କରନ୍ତି। ଜଣେ ବ୍ୟକ୍ତି ବିଶେଷ ସର୍ବୋତ୍ତମ ଅବସ୍ଥାରେ କ'ଣ କରିପାରେ ତାହା ଦକ୍ଷତାର ପରିମାପକମାନେ ସୂଚିତ କରିଥାନ୍ତି। ଦକ୍ଷତାର ପରିମାପକମାନେ ଦକ୍ଷତାକୁ ସଫଳତା ଆକାରରେ ମାପ ନକରି ବରଂ ସମ୍ଭାବ୍ୟ ସାମର୍ଥ୍ୟ ଆକାରରେ ମାପ କରିଥାନ୍ତି। ଅଭିରୁଚି ଓ ବୁଦ୍ଧିମତାର ପରିମାପକଗୁଡ଼ିକ ଦକ୍ଷତା ପରିମାପକ ବର୍ଗରେ ଅନ୍ତର୍ଭୁକ୍ତ। ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଆବଶ୍ୟକହେଉଥିବା ଏକ କୌଶଳକୁ ଶିକ୍ଷାକରିବାର ସାମର୍ଥ୍ୟକୁ ଅଭିବୃତ୍ତି କୁହାଯାଏ। ବ୍ୟକ୍ତିତ୍ୱ ପରିମାପକସବୁ ଆମର ଚିନ୍ତନ, ଆବେଗ ଓ ଆଚରଣ ଶୈଳୀର ପରିମାପନ କରିଥାନ୍ତି।

### ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୩.୨

୧. ମନୋବୈଜ୍ଞାନିକ ଆକଳନର ସଂଜ୍ଞାନିରୂପଣକର। ମନୋବୈଜ୍ଞାନିକ ଆକଳନର ଆବଶ୍ୟକତାକୁ ବ୍ୟାଖ୍ୟାକର।

---

୨. ମନୋବୈଜ୍ଞାନିକ ପରିମାପକର ମୁଖ୍ୟ ବୈଶିଷ୍ଟ୍ୟମାନଙ୍କୁ ଆଲୋଚନା କର।

---

## ୩.୩ ବୁଦ୍ଧିମତ୍ତାର ପ୍ରକୃତି ଓ ଆକଳନ

ଦୈନନ୍ଦିନ ଜୀବନରେ ତୁମେ 'ବୁଦ୍ଧି' ଶବ୍ଦ ଶୁଣୁଛ। ସାଧାରଣତଃ, ଏହି ଶବ୍ଦଟି ଆମେ ବ୍ୟବହାରକରେ ଯେତେବେଳେ ଜଣେ ଆମର ପ୍ରତ୍ୟାଶାଠାରୁ ଅଧିକ ଭଲଭାବେ କୌଣସି କାର୍ଯ୍ୟକୁ କରିପାରୁଛି। ମନୋବୈଜ୍ଞାନିକ ଶବ୍ଦମାନଙ୍କ ଭିତରେ 'ବୁଦ୍ଧିମତ୍ତା' ଶବ୍ଦଟି ବିଭିନ୍ନ ପରିସ୍ଥିତିରେ (ଯେପରି ବିଦ୍ୟାଳୟ) ବହୁଳ ଭାବରେ ବ୍ୟବହୃତ ହୋଇଥାଏ। 'କାହାକୁ ବୁଦ୍ଧିମାନ' କହିବା ? ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଶିକ୍ଷାର୍ଥୀକୁ ବୁଦ୍ଧିମାନ କୁହାଯିବ କି ? ଅନେକ ଶୈକ୍ଷିକ ଉପାଧି ଲାଭ କରିଥିବା ବ୍ୟକ୍ତିକୁ ବୁଦ୍ଧିମାନ୍ କହିବା କି ? ଜଣେ ଡାକ୍ତର ବା ଯନ୍ତ୍ରୀ ବା ଆଇନଜୀବୀ ବା କଳାକାର, କିଏ ଅଧିକ ବୁଦ୍ଧିମାନ ? ବୁଦ୍ଧିମତ୍ତାର ସଂଜ୍ଞା ଉପରେ ନିର୍ଭର କରି ଏଭଳି ପ୍ରଶ୍ନମାନଙ୍କର ଉତ୍ତର ଭିନ୍ନ ଭିନ୍ନ ଭାବରେ ଦିଆଯାଇପାରେ। ବୁଦ୍ଧିମତ୍ତା ଉପାଧିପ୍ରାପ୍ତି ମଧ୍ୟରେ ସୀମିତ ନୁହେଁ। ବୁଦ୍ଧିମତ୍ତା 'ବ୍ୟକ୍ତିର ବହୁବିଧ ଦକ୍ଷତା' କୁ ବୁଝାଇଥାଏ। ଏହା ବିଭିନ୍ନ ପନ୍ଥାରେ ପ୍ରକାଶିତ ହୋଇଥାଏ। ଏହା ବହୁରୂପରେ ପ୍ରକଟିତ ହୁଏ। କେତେକ ବ୍ୟକ୍ତି ଅଧ୍ୟୟନରେ ଉତ୍ତମ, କେତେକ ଯନ୍ତ୍ରପାତି ମରାମତି କରିବାରେ ଉତ୍ତମ, କେତେକ ଅଭିନୟରେ ନିପୁଣ ଏବଂ ଅନ୍ୟକେତେକ କ୍ରୀଡ଼ାରେ ପାରଦର୍ଶୀ ହୋଇଥାନ୍ତି। ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଦକ୍ଷ ହୋଇଥିବା ବେଳେ ଅନ୍ୟଥିରେ ସାଧାରଣ ହୋଇଥାନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ ବୁଦ୍ଧିମତ୍ତା କ୍ରିୟାତ୍ମକ ଅଟେ। କିଛି କରିବା ବା କିଛି ସଫଳତା ପ୍ରାପ୍ତି ନିମନ୍ତେ ଏହାର ପ୍ରୟୋଗ କରାଯାଏ।



ଟିପ୍ପଣୀ



ମନୋବିଜ୍ଞାନରେ 'ବୁଦ୍ଧିମତ୍ତା' ଶବ୍ଦର ସଂଜ୍ଞା ଅନେକ ପ୍ରକାରେ ନିରୂପଣ କରାଯାଇଅଛି। ବିନିଟ୍ ଓ ସାଇମନ୍ ୧୯୦୫ ମସିହାରେ ବୁଦ୍ଧିମତ୍ତାର ଏକ ପ୍ରାଚୀନତମ ସଂଜ୍ଞା ପ୍ରଦାନ କରିଛନ୍ତି। ସେମାନଙ୍କର ସଂଜ୍ଞାନୁସାରେ 'ବୁଦ୍ଧି ହେଉଛି' ଉତ୍ତମରୂପେ ବିଚାର କରିବା, ବୁଝିବା, ଏବଂ ଯୁକ୍ତି ସଂଗତ ଆଚରଣ ପ୍ରଦର୍ଶନ କରିବାର ଦକ୍ଷତା'। ୱେସଲରଙ୍କଦ୍ୱାରା ବୁଦ୍ଧିମତ୍ତାର ଏକ ଅଧିକ ଜନପ୍ରିୟ ସଂଜ୍ଞା ପ୍ରଦାନ କରାଯାଇଥିଲା। ସେ 'ବୁଦ୍ଧିମତ୍ତା'ର ସଂଜ୍ଞା ନିରୂପଣ କରିବାକୁ ଯାଇ କହିଥିଲେ ଯେ ଏହା 'ଉଦ୍ଦେଶ୍ୟ ପ୍ରଣୋଦିତଭାବରେ କାର୍ଯ୍ୟ କରିବା, ଯୁକ୍ତିସଂଗତ ଭାବରେ ଚିନ୍ତାକରିବା ଏବଂ ପରିବେଷ୍ଟନୀସହ ସଫଳତା ସହିତ ମୁକାବିଲା କରିବା ନିମନ୍ତେ ବ୍ୟକ୍ତିର ସାର୍ବଜନୀନ ବା ସାମୂହିକ ସାମର୍ଥ୍ୟ' ଅଟେ।

ଗାର୍ଡ୍‌ନର 'ସମସ୍ୟାମାନଙ୍କର ସମାଧାନ କରିବା ଅଥବା ଏକ ବା ଅଧିକ ସାଂସ୍କୃତିକ ପରିବେଷ୍ଟନୀ ମଧ୍ୟରେ ଗୁରୁତ୍ୱପ୍ରଦାନ ପ୍ରଦାନ କରାଯାଉଥିବା ଉତ୍ପାଦ ମାନଙ୍କୁ ଉପଯୋଗୀ କରିବାନିମନ୍ତେ ଦକ୍ଷତା ବା କୌଶଳ' ଭାବରେ ବୁଦ୍ଧିର ସଂଜ୍ଞା ନିରୂପଣ କରିଛନ୍ତି। 'ବହୁବିଧ ବୁଦ୍ଧିମତ୍ତା' ଶବ୍ଦାବଳୀକୁ ସେ ପ୍ରୟୋଗ କରିଥିଲେ ଏବଂ ଭାଷାସମ୍ବନ୍ଧିତ ତାତ୍ତ୍ୱିକ-ଗାଣିତିକ, ସ୍ଥାନ ସମ୍ବନ୍ଧୀୟ, ସଙ୍ଗୀତ ସମ୍ବନ୍ଧୀୟ, ଶରୀର-ଗତ ସମ୍ବେଦୀ, ଅନ୍ତର୍ବୈକ୍ତିକ, ଆନ୍ତର୍ବୈୟକ୍ତିକ ଏବଂ ପ୍ରକୃତବାଦୀ ସଦୃଶ ଆଠପ୍ରକାରର ବୁଦ୍ଧିମତ୍ତା ରହିଛି ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ।

ଯଦିଓ ସାର୍ ଫ୍ରାନସିସ୍ ଗାଲଟନ୍‌ଙ୍କ ଦ୍ୱାରା ବୁଦ୍ଧି ପରିମାପନର ପ୍ରାଥମିକ ପ୍ରୟାସ କରାଯାଇଥିଲା ତେବେ ଜଣେ ଫରାସୀ ମନୋବିଜ୍ଞାନୀ ଆଲଫ୍ରେଡ୍ ବିନେଙ୍କ ଦ୍ୱାରା ଗୋଟିଏ ଅଧିକ ସୁବ୍ୟବସ୍ଥିତ ଆଭିମୂଖ୍ୟର ବିକାଶ କରାଯାଇଥିଲା। ୧୯୦୫ ମସିହାରେ ବିନେଟ୍ 'ମାନସିକ ବୟସ' ପ୍ରତ୍ୟୟ ପ୍ରଦାନ କରିଥିଲେ ଯାହାକି ଜଣେ ବ୍ୟକ୍ତିର ସେ ରହୁଥିବା ପରିବେଷ୍ଟନୀ ତୁଳନାରେ ତା'ର ମାନସିକ ବିକାଶର ସ୍ତରକୁ ବୁଝାଇଥାଏ। ବୁଦ୍ଧ୍ୟାଙ୍କ ( *IQ* ) ଜର୍ମାନ ମନୋବିଜ୍ଞାନୀ ୱିଲିୟମ ଷ୍ଟେର୍ଣ୍ଣଙ୍କଦ୍ୱାରା ୧୯୧୨ରେପ୍ରଥମେ ପ୍ରସ୍ତୁତ କରାଯାଇଥିଲା। ମାନସିକ ବୟସକୁ ପ୍ରକୃତ କ୍ରମିକ ବୟସ ଦ୍ୱାରା ଭାଗ କରାଯାଇ ୧୦୦ ରେ ଗୁଣନ କରାଗଲେ ପ୍ରାପ୍ତ ଫଳାଙ୍କକୁ ବୁଦ୍ଧ୍ୟାଙ୍କ ବୋଲି ଅଭିହିତ କରାଯାଏ। ଏଣୁ, $\text{ବୁଦ୍ଧ୍ୟାଙ୍କ} = \frac{\text{ମାନସିକ ବୟସ}}{\text{କ୍ରମିକ ବୟସ}} \times ୧୦୦$

ଉଦାହରଣ ସ୍ୱରୂପ, ଯଦି ଜଣେ ଶିଶୁର ମାନସିକ ବୟସ ୧୨ ବର୍ଷ ଏବଂ କ୍ରମିକ ବୟସ ୮ ବର୍ଷ, ତେବେ ତାହାର ବୁଦ୍ଧ୍ୟାଙ୍କ ୧୫୦ ହେବ। ବିନେଙ୍କଦ୍ୱାରା ପ୍ରସ୍ତୁତ ବୁଦ୍ଧି ପରିମାପକର ପରବର୍ତ୍ତୀକାଳରେ ପୁନଃସଂସ୍କରଣ କରାଯାଇଥିଲା ଏବଂ ୧୯୧୬ ମସିହାରେ ପରିମାପକକୁ ଷ୍ଟାନଫୋର୍ଡ-ବିନେ-ବୁଦ୍ଧି ପରିମାପକ ଭାବରେ ନାମକରଣ କରାଗଲା। ଅଧିକ ବ୍ୟବହୃତ ଓ ଜନପ୍ରିୟ ବୁଦ୍ଧିପରିମାପକ ମାନଙ୍କ ଭିତରେ ଗୋଟିଏ ହେଉଚି ୱେସଲର୍-ବୁଦ୍ଧି-ପରିମାପକ। ଏହି ପରିମାପକ ଗୁଡ଼ିକ ବିଭିନ୍ନ ବୟସର ବ୍ୟକ୍ତିସମୂହ ନିମନ୍ତେ ପ୍ରସ୍ତୁତ କରାଯାଇଛି, ଯେପରିକି ବୟସ୍କ ମାନଙ୍କ ନିମନ୍ତେ ୱେସଲର-ବୟସ୍କ-ବୁଦ୍ଧି-ପରିମାପକ ( *WAIS* ) ଏବଂ ୬ରୁ ୧୬ ବର୍ଷ ମଧ୍ୟସ୍ଥ ଶିଶୁମାନଙ୍କ ନିମନ୍ତେ ୱେସଲର-ଶିଶୁ-ବୁଦ୍ଧି-ପରିମାପକ।

ବ୍ୟକ୍ତି-ପରିମାପକ ଏବଂ ବ୍ୟକ୍ତିସମୂହ-ପରିମାପକ,ଏହିପରି ଦୁଇଟି ପ୍ରକାରର ବୁଦ୍ଧି ପରିମାପକ ରହିଛି। ଏକ ନିର୍ଦ୍ଦିଷ୍ଟ ସମୟରେ କେବଳ ଜଣେ ମାତ୍ର ବ୍ୟକ୍ତି ଉପରେ ବ୍ୟକ୍ତି-ପରିମାପକ ପ୍ରୟୋଗ କରାଯାଇପାରିବ। ଏକ ସମୟରେ ଏକଠାରୁ ଅଧିକ ବ୍ୟକ୍ତିମାନଙ୍କ ଉପରେ ବ୍ୟକ୍ତି-ସମୂହ ପରିମାପକ ପ୍ରୟୋଗ କରାଯାଇଥାଏ। ଏକାଂଶ ମାନଙ୍କର ପ୍ରକୃତି ଭିତ୍ତିରେ ବୁଦ୍ଧି ପରିମାପକଗୁଡ଼ିକ ବାଚିକ, ଅଣବାଚିକ ଏବଂ କୃତ ପରିମାପକ ହୋଇଥାନ୍ତି। ଏକ ବାଚିକ ବା ମୌଖିକ ପରିମାପକ ଲିଖିତ ଶବ୍ଦାବଳୀର ବୋଧଗମ୍ୟତା ଆବଶ୍ୟକ କରିଥାଏ। ସୁତରାଂ, ଏହା କେବଳ ସାକ୍ଷର ବ୍ୟକ୍ତିମାନଙ୍କ କ୍ଷେତ୍ରରେ ପ୍ରୟୋଗ କରାଯାଇପାରେ। ଅଣ ବାଚିକ ବା ଅଣମୌଖିକ ପରିମାପକରେ ଚିତ୍ରପଟ କିମ୍ବା ଦୃଷ୍ଟାନ୍ତ ଆଦି ଏକାଂଶ ଆକାରରେ ବ୍ୟବହୃତ ହୁଅନ୍ତି। କୃତି ପରିମାପକଗୁଡ଼ିକ କେତେକ ମୂର୍ତ୍ତକାର୍ଯ୍ୟମାନଙ୍କୁ ନେଇ ପ୍ରସ୍ତୁତ ହୋଇଥାଏ। ଉଭୟ ଅଣବାଚିକ ଏବଂ କୃତି ପରିମାପକ ଗୁଡ଼ିକ ସାକ୍ଷର ଏବଂ ନିରକ୍ଷର ବ୍ୟକ୍ତି ମାନଙ୍କ କ୍ଷେତ୍ରରେ ପ୍ରୟୋଗ କରାଯାଇପାରିବ।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ - ୩.୩

୧. ବୁଦ୍ଧିମତ୍ତା ଶବ୍ଦର ଅର୍ଥ କ'ଣ ?

୨. ବୁଦ୍ଧ୍ୟାଙ୍କ ( $IQ$ ) କ'ଣ ?

## ୩.୪ ଅଭିବୃତ୍ତି ଓ ଆଗ୍ରହ, ଏବଂ ଏମାନଙ୍କର ମୂଲ୍ୟାୟନ

ତୁମେ ଏଭଳି ଲୋକମାନଙ୍କ ସଂପର୍କରେ ଆସିଥିବ ଯେଉଁମାନେ ଗୋଟିଏ କାର୍ଯ୍ୟରେ ଅଧିକ ପାରଦର୍ଶୀ ହୋଇଥିବାବେଳେ ଅନ୍ୟ କାର୍ଯ୍ୟରେ ସେହିପରି ନୁହଁନ୍ତି। ତୁମର କିଛି ସାଙ୍ଗ ଗଣିତରେ ଖୁବ୍ ଭଲ କିନ୍ତୁ ସାମାଜିକ ବିଜ୍ଞାନରେ ଅତ୍ୟନ୍ତ ଦୁର୍ବଳ ହୋଇପାରନ୍ତି। ଏପରି ବ୍ୟକ୍ତିମାନେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସ୍ୱତନ୍ତ୍ର ଦକ୍ଷତା ବା ବୈଶିଷ୍ଟ୍ୟ ହାସଲ କରିଥାନ୍ତି କିନ୍ତୁ ଅନ୍ୟାନ୍ୟ କ୍ଷେତ୍ରରେ ଅପେକ୍ଷାକୃତ କମ୍ ଦକ୍ଷ ହୋଇଥାନ୍ତି। ମନୋବିଜ୍ଞାନରେ ଏହାକୁ ଅଭିବୃତ୍ତି ବୋଲି କୁହାଯାଏ। ଅଭିବୃତ୍ତି ହେଉଛି କେତେକ ବୈଶିଷ୍ଟ୍ୟ ମାନଙ୍କର ଏକ ସମାହାର ଯାହାକି ତାଲିମ୍ ଦ୍ୱାରା କିଛି ନିର୍ଦ୍ଦିଷ୍ଟ ଜ୍ଞାନ ବା କୌଶଳକୁ ଅର୍ଜନ କରିବା ନିମନ୍ତେ ଜଣେ ବ୍ୟକ୍ତିର ଦକ୍ଷତାକୁ ସୂଚିତକରେ। ଉପଯୁକ୍ତ ତାଲିମଦ୍ୱାରା ଏହି ଗୁଣାବଳୀକୁ ଅର୍ଜନ କରାଯାଇପାରେ। ଅନ୍ୟ ଅର୍ଥରେ, ଯଦି ଜଣେ ବ୍ୟକ୍ତି ପାଖରେ ଜଣେ ସଂଗୀତଜ୍ଞ ହେବା ନିମନ୍ତେ ସ୍ୱନ ଭେଦବୋଧ, ତାନ, ତାଳ ଏବଂ ସଙ୍ଗୀତାତ୍ମକ ସଂବେଦନଶୀଳତାର ଅନ୍ୟାନ୍ୟ ଦିଗମାନଙ୍କ ପରି ସ୍ୱତନ୍ତ୍ର ଦକ୍ଷତା ନାହିଁ ତେବେ ସେ ଯଥେଷ୍ଟ ତାଲିମପାଇବା ପରେ ମଧ୍ୟ ଜଣେ ଉତ୍ତମ ସଂଗୀତଜ୍ଞ ହୋଇପାରିବ ନାହିଁ।

ବୁଦ୍ଧିମତ୍ତା, ଅଭିବୃତ୍ତି ଏବଂ କୃତିତ୍ୱ ମଧ୍ୟରେ ଉଲ୍ଲେଖଯୋଗ୍ୟ ପାର୍ଥକ୍ୟ ରହିଛି। ନିର୍ଦ୍ଦିଷ୍ଟ ସମୟରେ ଜଣେ ବ୍ୟକ୍ତି ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପନ୍ନ କରିପାରିବାର ଦକ୍ଷତା ସହିତ ବୁଦ୍ଧିମତ୍ତାର ସଂପର୍କ ରହିଛି। ଅଭିବୃତ୍ତି ହେଉଛି ଏକ କାର୍ଯ୍ୟକୁ ସଂପନ୍ନ କରିବା ନିମନ୍ତେ ଜଣେ ବ୍ୟକ୍ତିର ଅବ୍ୟକ୍ତ ସାମର୍ଥ୍ୟ ଯାହାକି ସାଧାରଣତଃ କେତେଗୁଡ଼ିଏ ଦକ୍ଷତାର ସମାହାର। ସଫଳତା ବା କୃତିତ୍ୱରେ ଅତି ପରିଚିତ ନିର୍ଦ୍ଦିଷ୍ଟ ବିଷୟ(ଯେପରି ଗଣିତ)ରେ ଏକ ସମୟ ସୀମା ମଧ୍ୟରେ ସାଧିତ କର୍ମ ସଂପୃକ୍ତ ଥାଏ।

ବିଭିନ୍ନ ବୃତ୍ତିରେ ସଫଳତାର ପୂର୍ବାନୁମାନ କରିବା ନିମନ୍ତେ କିରାଣୀସମ୍ବନ୍ଧୀୟ ଅଭିବୃତ୍ତି, ସଙ୍ଗୀତ ସମ୍ବନ୍ଧୀୟ ଅଭିବୃତ୍ତି, ଯାନ୍ତ୍ରିକ ଅଭିବୃତ୍ତି, ଲେଖାଯନ୍ତ୍ରରେ ମୁଦ୍ରିତକରିବା ଅଭିବୃତ୍ତି ସଦୃଶ ଅଭିବୃତ୍ତିର ପରିମାପକ ବା ପରୀକ୍ଷଣ ବ୍ୟବହୃତ ହୋଇଥାଏ। ଏଥିରେ ପ୍ରତ୍ୟେକ ପରିମାପକରେ ପ୍ରାୟତଃ କିଛି ସଂଖ୍ୟକ ଉପପରିମାପକ ଥାନ୍ତି। ଅଭିବୃତ୍ତିର ମୂଲ୍ୟାୟନ ବା ଆକଳନ ନିମନ୍ତେ ବିଭେଦକ-ଅଭିଦକ୍ଷତା-ପରୀକ୍ଷଣମାଳା ( $DAT$ ), ସାଧାରଣ-ଅଭିଦକ୍ଷତା - ପରୀକ୍ଷଣମାଳା ( $GATB$ ) ଏବଂ ସୌନିକ-ସେବାବୃତ୍ତି - ଅଭିଦକ୍ଷତା-ପରୀକ୍ଷଣମାଳା ( $ASVAB$ ) ସଦୃଶ ଅନେକ ବହୁବିଧ ଅଭିବୃତ୍ତି ପରିମାପକର ବିକାଶ କରାଯାଇଛି।

ମନୋବୈଜ୍ଞାନିକମାନେ ଶିଶୁ ଏବଂ ବୟସ୍କ ବ୍ୟକ୍ତିମାନଙ୍କ ଆଗ୍ରହକୁ ପରିମାପ କରିବାଲାଗି କେତେଗୁଡ଼ିଏ ପରିମାପକ ପ୍ରସ୍ତୁତ କରିଛନ୍ତି। ଏପରି ବୃତ୍ତିଗତ ରୁଚିର ପରିମାପକ ରହିଛନ୍ତି ଯାହାକି ନିର୍ଦ୍ଦିଷ୍ଟ ଏକ ବୃତ୍ତି କ୍ଷେତ୍ରରେ ଜଣେ ବ୍ୟକ୍ତିର ରୁଚି ବା ଆଗ୍ରହକୁ ଚିହ୍ନଟ କରିବା ନିମନ୍ତେ ସାହାଯ୍ୟ କରିପାରନ୍ତି। ସାଧାରଣ-ରୁଚି-ସୂଚୀ ମଧ୍ୟ ରହିଛି। ବୃତ୍ତିଗତ ରୁଚି ପରିମାପକଗୁଡ଼ିକ କାଗଜ-ଲେଖନୀ ପରୀକ୍ଷଣ ଅଟନ୍ତି ଯାହାକି ଜଣେ ବ୍ୟକ୍ତିର ଆଗ୍ରହକୁ ମୂଲ୍ୟାୟନ କରିବା ସହିତ ବିଭିନ୍ନ ଜୀବିକାରେ ସଂଫଳତା କୁ ତୁଳନା କରିଥାନ୍ତି।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୩.୪

୧. ଅଭିବୃତ୍ତିର ସଂଜ୍ଞା ନିରୂପଣ କର ।

୨. ଅଭିବୃତ୍ତି-ପରୀକ୍ଷଣମାଳା କହିଲେ ତୁମେ କ'ଣ ବୁଝୁଛ ?

## ୩.୫ ବ୍ୟକ୍ତିତ୍ୱର ପ୍ରକୃତି

ଆମେ ଦୈନନ୍ଦିନ ଜୀବନରେ 'ବ୍ୟକ୍ତିତ୍ୱ' ଶବ୍ଦଟି ବ୍ୟବହାର କରୁ। ମନୋବୈଜ୍ଞାନିକ ପରିଭାଷାରେ ବ୍ୟକ୍ତିତ୍ୱ ହେଉଛି ଜଣେ ବ୍ୟକ୍ତିଙ୍କର ସ୍ୱତନ୍ତ୍ର ଓ ଅପେକ୍ଷାକୃତ ସ୍ଥିର ବ୍ୟବହାର ଶୈଳୀ ଯାହାକି ବିଭିନ୍ନ ପରିସ୍ଥିତି ଏବଂ ଏକ ସମୟକାଳ ମଧ୍ୟରେ ଅପରିବର୍ତ୍ତିତ ରହିଥାଏ।

ବିଭିନ୍ନ ଦୃଷ୍ଟିକୋଣରୁ 'ବ୍ୟକ୍ତିତ୍ୱ' ଶବ୍ଦର ସଂଜ୍ଞା ନିରୂପଣ କରାଯାଇଅଛି। ଆଲପୋର୍ଟ ୧୯୩୭ ମସିହାରେ ବ୍ୟକ୍ତିତ୍ୱର ଏକ ସର୍ବାଦୃତ ସଂଜ୍ଞା ପ୍ରଦାନ କରିଛନ୍ତି ଯାହାକୁ ଅଦ୍ୟାବଧି ବିଦ୍ୱାନମାନେ ଉଲ୍ଲେଖ କରନ୍ତି। ତାଙ୍କ ଅନୁସାରେ "ବ୍ୟକ୍ତିତ୍ୱ ହେଉଛି ବ୍ୟକ୍ତି ମଧ୍ୟରେ ଥିବା ମାନସ-ଭୌତିକ ପ୍ରଣାଳୀ ମାନଙ୍କର ଗତିଶୀଳ ସଂଗଠନ ଯାହା ବ୍ୟକ୍ତିର ପରିବେଷ୍ଟନୀ ସହିତ ଉପଯୋଜନ ପ୍ରକ୍ରିୟାକୁ ନିର୍ଦ୍ଧାରଣ କରିଥାନ୍ତି।"

ମନୋବିଜ୍ଞାନୀମାନେ ବ୍ୟକ୍ତିତ୍ୱକୁ ବିଭିନ୍ନ ଦୃଷ୍ଟିକୋଣରୁ ଉପସ୍ଥାପନା କରିଛନ୍ତି। ବର୍ତ୍ତମାନ ଆମେ ଏହି ଦୃଷ୍ଟିକୋଣରୁ କେତେକଙ୍କ ସମ୍ବନ୍ଧରେ ସଂକ୍ଷେପରେ ଅଧ୍ୟୟନ କରିବା :

୧) ଗୁଣ ସମ୍ବନ୍ଧୀୟ ପରିପ୍ରେକ୍ଷୀ ବ୍ୟକ୍ତିତ୍ୱକୁ ବିଭିନ୍ନ ଗୁଣ ସାହାଯ୍ୟରେ ବର୍ଣ୍ଣନା କରିବାକୁ ପ୍ରୟାସ କରେ। କେତେକ ଗୁଣକୁ ଏକତ୍ର କରାଯାଇ ଗୁଣପୁଞ୍ଜ ଗଠନ କରାଯାଏ। ଏହି ଗୁଣପୁଞ୍ଜକୁ 'ବ୍ୟକ୍ତିତ୍ୱ ପ୍ରକରଣ'କୁହାଯାଏ। ଉଦାହରଣସ୍ୱରୂପ, ଅନ୍ତର୍ମୁଖିତ୍ୱ ଓ ବହିର୍ମୁଖିତ୍ୱ ହେଉଛନ୍ତି ଦୁଇ ପ୍ରକାରର ବ୍ୟକ୍ତିତ୍ୱ ସମ୍ବନ୍ଧୀୟ ଗୁଣ।

୨) ମନୋଗତିକ ପରିପ୍ରେକ୍ଷୀ ଅଚେତନ ମନର ଆବଶ୍ୟକତା ଓ ଦ୍ୱନ୍ଦ ଏବଂ ଆମଜୀବନରେ ବିକାଶର ପ୍ରାଥମିକ ପର୍ଯ୍ୟାୟଗୁଡ଼ିକର ପ୍ରଭାବ ଉପରେ ଗୁରୁତ୍ୱ ପ୍ରଦାନ କରେ। ପ୍ରଖ୍ୟାତ ମନୋବିଜ୍ଞାନୀ ସିଗମଣ୍ଡ ଫଏଡ୍ ଏହି ଦୃଷ୍ଟିଭଂଗୀ ସମ୍ବନ୍ଧିତ ମୁଖ୍ୟ ଧାରଣାର ଅବତାରଣା କରିଥିଲେ।

୩) ସାମାଜିକ-ସାଂସ୍କୃତିକ ପରିପ୍ରେକ୍ଷୀ ସାମାଜିକ ଏବଂ ସାଂସ୍କୃତିକ ପରିବେଷ୍ଟନୀର ଗୁରୁତ୍ୱ ଉପରେ ଆଲୋକପାତ କରିଥାଏ। ଏହି ତତ୍ତ୍ୱ ଦୃଷ୍ଟିରେ, ଆମର ବ୍ୟକ୍ତିତ୍ୱ ଏବଂ ଆଚରଣର ଶୈଳୀ ଅନ୍ୟମାନଙ୍କ ସହିତ ପାରସ୍ପରିକ କ୍ରିୟା ଅନୁକ୍ରିୟା ଏବଂ ସାମାଜିକ ଓ ସାଂସ୍କୃତିକ ନିୟମାବଳୀମାନଙ୍କର ଅବଲମ୍ବନ ମାଧ୍ୟମରେ ହିଁ ଅର୍ଜନ କରାଯାଏ।

୪) ମାନବବାଦୀ ପରିପ୍ରେକ୍ଷୀ ଆମ ପ୍ରତ୍ୟେକଙ୍କ ଭିତରେ ଥିବା ସ୍ୱାଧୀନତା ଓ ଅଭିବୃଦ୍ଧି ନିମନ୍ତେ ଯଥେଷ୍ଟ ସାମର୍ଥକୁ ଗୁରୁତ୍ୱାରୋପ କରିଥାଏ । ଏହି ଦୃଷ୍ଟିଭଂଗୀ ଆଶାବାଦର ସ୍ୱର ବହନ କରେ ଏବଂ ଜୀବନର ସକରାତ୍ମକ ଦିଗ ଓ ସାମର୍ଥ୍ୟ ଉପରେ ପ୍ରାଧାନ୍ୟତା ଦେଇଥାଏ।

### ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୩.୫

୧. ବ୍ୟକ୍ତିତ୍ୱର ସଂଜ୍ଞା ନିରୂପଣ କର। ବ୍ୟକ୍ତିତ୍ୱ ସମ୍ବନ୍ଧୀୟ ଯେ କୌଣସି ଦୁଇଗୋଟି ଦୃଷ୍ଟିଭଂଗୀକୁ ବର୍ଣ୍ଣନା କର।

## ୩.୬ ବ୍ୟକ୍ତିତ୍ୱ ଆକଳନର କୌଶଳ

ବ୍ୟକ୍ତିତ୍ୱର ଆକଳନ କ୍ଷେତ୍ରରେ, ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଜଣେ ବ୍ୟକ୍ତି ବିଶେଷଙ୍କର ଆଚରଣ ମାଧ୍ୟମରେ ସାଧାରଣଭାବରେ ପ୍ରତିଫଳିତ ହେଉଥିବା ବିଭିନ୍ନ ଗୁଣାବଳୀର ପ୍ରକୃତି ଓ ପ୍ରାବଲ୍ୟତାର ଅଧ୍ୟୟନ ଉପରେ ମୁଖ୍ୟଦୃଷ୍ଟି ଦିଆଯାଏ। ବ୍ୟକ୍ତିତ୍ୱ ଆକଳନ ସମ୍ବନ୍ଧୀତ ପରିମାପକମାନଙ୍କୁ ତିନିଗୋଟି ଭାଗରେ ବିଭକ୍ତ କରାଯାଏ:

କ) ବସ୍ତୁନିଷ୍ଠ ବା ଆତ୍ମ-ବିବରଣ ପରିମାପକ
ଖ) ପ୍ରକ୍ଷେପୀ ବା ପରୋକ୍ଷ ପରିମାପକ
ଗ) ପାରିସ୍ଥିତିକ ପରିମାପକ



ଟିପ୍ପଣୀ

## କ) ବ୍ୟକ୍ତିତ୍ୱର ବସ୍ତୁନିଷ୍ଠ ବା ଆତ୍ମ-ବିବରଣ ପରିମାପକ

ଏହି ପ୍ରକାରର ପରିମାପରେ କିଛି ଉକ୍ତିମାନଙ୍କର ଏକ ବିନ୍ୟାସକୁ ପ୍ରଶ୍ନାବଳୀ ବା ସୂଚୀ ଆକାରରେ ସଂଗଠିତ କରାଯାଇ ନିଜ ସମ୍ବନ୍ଧରେ ଏହାର ଉତ୍ତର ପ୍ରଦାନ କରିବାକୁ ବ୍ୟକ୍ତିକୁ କୁହାଯାଏ। ଉକ୍ତିର ପ୍ରକୃତି ହୁଏତ ପରିମିତୋତ୍ତର କିମ୍ବା ମୁକ୍ତ-ଉତ୍ତର ହୋଇପାରେ ପରିମିତୋତ୍ତର ଭକ୍ତିମାନଙ୍କ କ୍ଷେତ୍ରରେ ନିର୍ଦ୍ଧାରିତ ମାପକ ବା ଚୟନାତ୍ମକ ଉତ୍ତର ପ୍ରଦାନ କରିବାକୁ ଦିଆଯାଏ, ଯେତେବେଳେ କି ମୁକ୍ତ-ଉତ୍ତର ଭକ୍ତି କ୍ଷେତ୍ରରେ ବ୍ୟକ୍ତି ନିଜକୁ ମୁକ୍ତ ଭାବରେ ବର୍ଣ୍ଣନାକରିବାର ସୁଯୋଗଥାଏ। ବ୍ୟକ୍ତିତ୍ୱର ବିଭିନ୍ନ କ୍ଷେତ୍ର ସମ୍ବନ୍ଧୀୟ ଗୁଣାବଳୀକୁ ମୂଲ୍ୟାୟନ କରିବା ଉଦ୍ଦେଶ୍ୟରେ କେତେଗୁଡ଼ିଏ ପରୀକ୍ଷଣର ବିକାଶ କରାଯାଇଛି। ବ୍ୟକ୍ତିତ୍ୱର ଆକଳନ ନିମନ୍ତେ ଯେଉଁଗୁଡ଼ିକୁ ବହୁଳଭାବରେ ବ୍ୟବହାର କରାଯାଉଛି ସେଥିରୁ କେତେକ ଆତ୍ମ-ବିବରଣ ପରିମାପକମାନଙ୍କୁ ନିମ୍ନରେ ଆଲୋଚନା କରାଯାଇଛି।

୧) **ମନସ୍ତାପ ପ୍ରବୃତ୍ତି-ବହିର୍ମୁଖତା-ବହୁଦର୍ଶିତା ନିମନ୍ତେ ଉନ୍ମୁକ୍ତତା-ବ୍ୟକ୍ତିତ୍ୱସୂଚୀ- ପୁନଃସଂସ୍କରଣ(NEO-PI-R):** ଏହି ପରୀକ୍ଷଣ ବର୍ତ୍ତମାନ ସାରା ବିଶ୍ୱରେ ବ୍ୟବହୃତ ଅଧିକ ଲୋକପ୍ରିୟ ବ୍ୟକ୍ତିତ୍ୱ ଆକଳନ ଉପକରଣମାନଙ୍କ ମଧ୍ୟରୁ ଗୋଟିଏ। କଷ୍ଟା ଓ ମାକ୍‌କ୍ରେ (୧୯୯୨)ଙ୍କ ଦ୍ୱାରା ଏହି ପରୀକ୍ଷଣ ପ୍ରସ୍ତୁତ କରାଯାଇଥିଲା ଏବଂ ଏହା ବ୍ୟକ୍ତିତ୍ୱର ବୃହତ-ପାଞ୍ଚ ନମୁନା ଉପରେ ପର୍ଯ୍ୟବେସିତ। ପନ୍ଦରବର୍ଷର ଅନୁଦୈର୍ଘ୍ୟ ଅଧ୍ୟୟନମାନଙ୍କୁ ଭିତ୍ତିକରି ଏହି ପରୀକ୍ଷଣକୁ ବିକଶିତ କରାଯାଇଛି। ବ୍ୟକ୍ତିତ୍ୱର ମୁଖ୍ୟ ପାଞ୍ଚଗୋଟି ଦିଗ ସମ୍ବନ୍ଧରେ ଫଳାଙ୍କ ସାହାଯ୍ୟରେ ଏହା ସୂଚନା ପ୍ରଦାନ କରେ। ଏହି ପାଞ୍ଚଗୋଟି ଦିଗ ଓ ପାର୍ଶ୍ୱଗୁଡ଼ିକ ହେଉଛନ୍ତି ମନସ୍ତାପ ପ୍ରବୃତ୍ତି, ବହିର୍ମୁଖତା, ବହୁଦର୍ଶିତା ନିମନ୍ତେ ଉନ୍ମୁକ୍ତତା, ସହମତି ଶୀଳତା, ଏବଂ କର୍ତ୍ତବ୍ୟନିଷ୍ଠା।

୨) **୧୬- କାରକୀୟ ବ୍ୟକ୍ତିତ୍ୱ ଅନୁସୂଚୀ(16 PF) :** ଏହି ପରୀକ୍ଷଣ ୧୯୪୯ ମସିହାରେ ପ୍ରଥମେ ରେମଣ୍ଡ ବି. କ୍ୟାଟେଲ୍, କ୍ୟାରେନ୍ କ୍ୟାଟେଲ୍ ଏବଂ ହିଥର ଇ.ପି. କ୍ୟାଟେଲଙ୍କଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ତା'ପରଠାରୁ ୧୯୫୬, ୧୯୬୨,୧୯୬୭-୬୯ ଏବଂ ୧୯୮୮-୯୩ ମସିହାମାନଙ୍କରେ ଚାରିଥର ଏହି ପରୀକ୍ଷଣର ସଂଶୋଧନ କରାଯାଇଅଛି। ବିର୍ତ୍ତମାନ କନ୍ ଏବଂ ରିକି (୧୯୯୪)ଙ୍କ ଦ୍ୱାରା ଏହାର ପଞ୍ଚମ ସଂସ୍କରଣ ବିକଶିତ କରାଯାଇ ବ୍ୟବହାର କରାଯାଉଛି। ଏହି ପରୀକ୍ଷଣ ୧୬ ପି.ଏଫ୍. (16 PF) ଭାବେ ବିଦିତ ଏବଂ ୧୬ବର୍ଷ ବା ତଦୁର୍ଦ୍ଧ ବୟସର ବ୍ୟକ୍ତିଙ୍କ ନିମନ୍ତେ ବ୍ୟବହାର କରାଯାଉଅଛି। ଏହା ସାମାଜିକ ନିର୍ଭୀକତା, ପ୍ରଭୁତ୍ୱ, ସତର୍କତା, ଆବେଗିକ ସ୍ଥିରତା, ସଚେତନଶୀଳତାର ନିୟନ୍ତ୍ରଣ ସଦୃଶ ୧୬ଗୋଟି ପ୍ରାଥମିକ ଶୀଳଗୁଣମାନଙ୍କର ସୂଚନା ଫଳାଙ୍କ ସାହାଯ୍ୟରେ ପ୍ରଦାନକରେ। ଏହା ମଧ୍ୟ ବହିର୍ମୁଖତା, ଉତ୍କଣ୍ଠା, ରୁକ୍ଷମନୋଭାବ, ସ୍ୱତନ୍ତ୍ରତା ଏବଂ ଆତ୍ମସଂଯମ ପରି ପାଞ୍ଚଗୋଟି ସାଧାରଣ କାରକର ପରିମାପନ କରିଥାଏ।

୩) **ଭାରତରେ ମଧ୍ୟ ବ୍ୟକ୍ତତ୍ୱର କେତେଗୁଡ଼ିଏ ଆତ୍ମ-ବିବରଣ ପରିମାପକ**ର ବିକାଶ କରାଯାଇଅଛି। ସେଥିରେ କେତେକ ସଂଶୋଧିତ ସଂସ୍କରଣ ହେଉଛନ୍ତି ମୋହସିନ୍ ଓ ହୁସେନ୍‌ଙ୍କ ର ଘଣ୍ଟି ଉପଯୋଜନ ଅନୁସୂଚୀ, ସିଂହ ଓ ଯାମୁୟାରଙ୍କର ମାସ୍‌ଲୋ ସୁରକ୍ଷିତ – ଅସୁରକ୍ଷିତ ଅନୁସୂଚୀ, ଆଇସେଙ୍କଙ୍କର ମଡ଼ସ୍ଲେ ବ୍ୟକ୍ତିତ୍ୱ ଅନୁସୂଚୀ ଯାହାକି ସିଂହଙ୍କଦ୍ୱାରା ହିନ୍ଦୀରେ ଅନୁବାଦିତ, ଏବଂ ଯୋଶୀ ଓ ମଲ୍ଲିକଙ୍କ ଦ୍ୱାରା ବିକଶିତ ଯୋଧପୁର ବହୁମୁଖୀ ବ୍ୟକ୍ତିର ଅନୁସୂଚୀ ଇତ୍ୟାଦି।

## ଖ) ବ୍ୟକ୍ତିତ୍ୱର ପ୍ରକ୍ଷେପୀ ବା ପରୋକ୍ଷ ପରିମାପକ :

ବ୍ୟକ୍ତିତ୍ୱର ପ୍ରକ୍ଷେପୀ ବା ପରୋକ୍ଷ ପରିମାପକ ଗୁଡ଼ିକ ବ୍ୟକ୍ତିତ୍ୱ ମୂଲ୍ୟାୟନ ଉପକରଣ ଭାବରେ ବହୁଳ ବ୍ୟବହୃତ। ଆତ୍ମ ବିବରଣ ପରିମାପକ ଯେଉଁଥିରେ ବ୍ୟକ୍ତିକୁ ସୁସଂଗଠିତ ପରୀକ୍ଷଣ ଉଦ୍ଦୀପକ ମାନଙ୍କୁ ଦିଆଯାଏ ସେପରି ନକରି ପ୍ରକ୍ଷେପୀ ପରୀକ୍ଷଣମାନଙ୍କରେ ବ୍ୟକ୍ତିକୁ ଅସଂଗଠିତ ବା ଅନିଶ୍ଚିତାର୍ଥକ ଉଦ୍ଦୀପକ ପ୍ରତି ତା'ର ଅନୁକ୍ରିୟା ପ୍ରଦାନ କରିବାକୁ ପଡ଼େ। ପ୍ରକ୍ଷେପୀ ପରୀକ୍ଷଣମାନଙ୍କରେ ଅସଂଗଠିତ ପରୀକ୍ଷଣ ଉଦ୍ଦୀପକ ବ୍ୟବହାର କରିବା ପଛରେ ମୌଳିକ ପରିକଳ୍ପନା ହେଲା ବ୍ୟକ୍ତି ଅନିଶ୍ଚିତାର୍ଥକ ଉଦ୍ଦୀପକ ପ୍ରତି ତା'ର ଲୁକ୍‌କାୟିତ ବା ଅଚେତନ ଅନୁଭବ, ଆବଶ୍ୟକତା, ଆବେଗ, ଅଭିପ୍ରେରଣା ଆଦିକୁ ପ୍ରକ୍ଷେପ କରିଥାଏ। ପ୍ରକ୍ଷେପିତ ଅନୁକ୍ରିୟାଗୁଡ଼ିକ ବ୍ୟକ୍ତିର ବ୍ୟକ୍ତିତ୍ୱର ପ୍ରକୃତି ସମ୍ବନ୍ଧୀୟ ପ୍ରତିଫଳନ ଅଟନ୍ତି।

କେତେକ ଲୋକପ୍ରିୟ ପ୍ରକ୍ଷେପୀ କୌଶଳ ହେଉଛନ୍ତି ରୋର୍ଶା କାଳିଛିଟା ପରୀକ୍ଷଣ, କଥା କୈନ୍ଦ୍ରିକ ସଂପ୍ରତ୍ୟକ୍ଷ ପରୀକ୍ଷଣ ଏବଂ ରୋଟ୍‌ର ଅସମ୍ପୂର୍ଣ୍ଣ ବାକ୍ୟମାଳା ଶୂନ୍ୟସ୍ଥାନ।

### ଗ) ବ୍ୟକ୍ତିତ୍ୱର ପାରିସ୍ଥିତିକ ବା ପର୍ଯ୍ୟବେକ୍ଷଣାତ୍ମକପରିମାପକ :

ବ୍ୟକ୍ତିତ୍ୱ ଆକଳନର ଅନ୍ୟ ଏକ କୌଶଳ ହେଉଛି ଉଦ୍ଦେଶ୍ୟମୂଳକ ଭାବରେ ପରିକଳ୍ପିତ ପରିସ୍ଥିତିରେ ବ୍ୟକ୍ତି ବିଶେଷର ଆଚରଣକୁ ପର୍ଯ୍ୟବେକ୍ଷଣ କରାଯାଏ। ନେତୃତ୍ୱ, ପ୍ରାଧାନ୍ୟତା, ଦାୟିତ୍ୱ ସମ୍ପନ୍ନତା, ବହିର୍ମୁଖତା - ଅନ୍ତର୍ମୁଖତା ଇତ୍ୟାଦିର ମୂଲ୍ୟାୟନପାଇଁ ଏପରି ପରୀକ୍ଷଣଗୁଡ଼ିକ ଅଧିକ ଫଳପ୍ରଦ ଅଟନ୍ତି । ପ୍ରଥମ ପାରିସ୍ଥିତିକ ପରୀକ୍ଷଣମାନଙ୍କ ମଧ୍ୟରୁ ଗୋଟିଏ ହାର୍ଟସୋନ୍, ମେ ଏବଂ ସେମାନଙ୍କର ସହଯୋଗୀମାନଙ୍କଦ୍ୱାରା ଚରିତ୍ର-ଶିକ୍ଷା-ଅନୁସନ୍ଧାନ ନିମନ୍ତେ ବିକଶିତ କରାଯାଇଥିଲା (୧୯୨୮, ୧୯୨୯, ୧୯୩୦)। ଏହି ପରୀକ୍ଷଣ ପରହିତୈଷିତା, ସାଧୁତା ଏବଂ ଆତ୍ମ ସଂଯମତା ସଦୃଶ ଶୀଳଗୁଣମାନଙ୍କର ପରିମାପନ କରିଥାଏ। ତେବେ ସେ ଯାହାହେଉ, ବ୍ୟକ୍ତିତ୍ୱର ପାରିସ୍ଥିତିକ ପରିମାପକ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଲୋକଲୋଚନକୁ ଆସିଥିଲା। ସେତେବେଳେ ସାଗରପାରି ଜଟିଳ କାର୍ଯ୍ୟନିମନ୍ତେ ସାମରିକ କର୍ମଚାରୀ ଚୟନ କରିବାକୁ ଯୁକ୍ତରାଷ୍ଟ ସାମରିକ କୌଶଳ ସେବା କାର୍ଯ୍ୟାଳୟ ପାରିସ୍ଥିତିକ ପରୀକ୍ଷଣମାନଙ୍କୁ ବ୍ୟବହାର କରିଥିଲା। ଏପରି ଏକ ବିକଳ୍ପ ପରୀକ୍ଷଣ ହେଉଛି ପାରିସ୍ଥିତିକ ମାନସିକ ଚାପ ପରୀକ୍ଷଣ। ଏଥିରେ ବ୍ୟକ୍ତିକୁ ବିଭିନ୍ନ ଚାପପୂର୍ଣ୍ଣ, ହତାଶାପୂର୍ଣ୍ଣ ବା ଆବେଗିକ ଭାବରେ ବିଶୃଙ୍ଖଳିତ ପରିସ୍ଥିତିମାନଙ୍କରେ ତା'ର ପ୍ରତିକ୍ରିୟା ପ୍ରକାଶ କରିବାକୁ ପଡ଼େ।

### ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୩.୬

୧) ବ୍ୟକ୍ତିତ୍ୱର ଆତ୍ମ ବିବରଣ ପରିମାପକ କ'ଣ ?

___

୨) ବ୍ୟକ୍ତିତ୍ୱର ପରିମାପନରେ ପ୍ରକ୍ଷେପୀ କୌଶଳମାନଙ୍କର ଆଲୋଚନା କର ।

___

୩) ବ୍ୟକ୍ତିତ୍ୱର ପାରିସ୍ଥିତିକ ବା ପର୍ଯ୍ୟବେକ୍ଷଣାତ୍ମକ ପରିମାପକ କହିଲେ ତୁମେ କ'ଣ ବୁଝ ?

___

### ତୁମେ ଯାହାକିଛି ଶିକ୍ଷାଲାଭ କଲ

- ବ୍ୟକ୍ତିଗତ ଭିନ୍ନତାର ଅଧ୍ୟୟନ ବୁଦ୍ଧିମତ୍ତା, ବ୍ୟକ୍ତିତ୍ୱ, ଆଗ୍ରହ ଏବଂ ଅଭିରୁଚି ବା ଅଭିବୃତ୍ତି ସଦୃଶ କେତେକ ଗୁରୁତ୍ୱପୂର୍ଣ୍ଣ ମନୋସ୍ତାତ୍ତ୍ୱିକ କ୍ଷେତ୍ରରେ ବ୍ୟକ୍ତିମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ କିମ୍ବା ସାଦୃଶ୍ୟତାର ପରିମାଣ ଓ ପ୍ରକାରଭେଦ ଉପରେ କେନ୍ଦ୍ରୀଭୂତ ହୋଇଥାଏ।
- ଆନୁବଂଶିକ ଏବଂ ପରିବେଷ୍ଟନୀଗତ କାରକମାନଙ୍କର ପାରସ୍ପରିକ କ୍ରିୟାଯୋଗୁଁ ବ୍ୟକ୍ତିଗତ ଭିନ୍ନତା ସଂଘଟିତ ହୋଇଥାଏ। ମନୋସ୍ତାତ୍ତ୍ୱିକ ଗୁଣାବଳୀରେ ଭିନ୍ନତା ପ୍ରାୟତଃ ସଂଗତିପୂର୍ଣ୍ଣ ଏବଂ ଏକ ସ୍ଥିର ଢ଼ାଞ୍ଚା ସୃଷ୍ଟିକରେ। ବ୍ୟବହାରରେ ଏହି ସଂଗତି ଏବଂ ସ୍ଥିରତା ପ୍ରତ୍ୟେକ ବ୍ୟକ୍ତି ବିଶେଷ ନିମନ୍ତେ ସ୍ୱତନ୍ତ୍ର।
- ମନୋବୈଜ୍ଞାନିକ ଆକଳନ କହିଲେ ବ୍ୟକ୍ତିଗତ ଯୋଗ୍ୟତା, ବ୍ୟବହାର ଏବଂ ସାମର୍ଥ୍ୟ ନିରୂପଣରେ ନିର୍ଦ୍ଦିଷ୍ଟ ପଦ୍ଧତିର ବ୍ୟବହାରକୁ ବୁଝାଏ। ଏହି ପଦ୍ଧତିଗୁଡ଼ିକ ବ୍ୟକ୍ତିବିଶେଷ ଅନ୍ୟମାନଙ୍କ ଠାରୁ କେତ ଭିନ୍ନ ବା ସମାନ ତାହା ନିର୍ଦ୍ଦିଷ୍ଟ ଭାବରେ ବର୍ଣ୍ଣନା କରନ୍ତି।
- ଏକ ପରୀକ୍ଷଣ ବିଶ୍ୱାସନୀୟ, ବୈଧ ଓ ମାନକୀକୃତ ହେବା ଆବଶ୍ୟକ। ଗୋଟିଏ ପରିମାପକ ଯଦି ବ୍ୟକ୍ତିର ଏକ ନିର୍ଦ୍ଦିଷ୍ଟଗୁଣକୁ ସ୍ଥିରତା ସହକାରେ ମାପ କରୁଥାଏ ତେବେ ଏହା ବିଶ୍ୱାସନୀୟ ବୋଲି କୁହାଯିବ।

ଟିପ୍ପଣୀ

ଯାହାକିଛିର ଆକଳନ କରିବା ଉଦ୍ଦେଶ୍ୟରେ ପରିମାପକଟିକୁ ପ୍ରସ୍ତୁତ କରାଯାଇଛି ତାହା କେତେ ମାତ୍ରାରେ ସାଧନ ହୋଇପାରିଛି, ଏହାହିଁ ପରିମାପକର ବୈଧତାକୁ ହିଁ ବୁଝାଏ। ମାନକୀକୃତ ପ୍ରକ୍ରିୟାରେ ସମାନ ଅବସ୍ଥାରେ ଓ ସମାନଭାବରେ ଯେପରି ଗୋଟିଏ ପରିମାପକକୁ ସମସ୍ତ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ପ୍ରୟୋଗ କରାଯାଇପାରିବ ତାହାର ପ୍ରଣାଳୀ ସ୍ଥାପନକରିବା ଅନ୍ତର୍ଭୁକ୍ତ।

- ବୁଦ୍ଧିମତ୍ତା 'ବ୍ୟକ୍ତିର ବହୁବିଧ ଦକ୍ଷତା' କୁ ବୁଝାଏ। ମନୋବିଜ୍ଞାନରେ 'ବୁଦ୍ଧିମତ୍ତା' ଶବ୍ଦର ସଂଜ୍ଞା ଅନେକ ପ୍ରକାରେ ନିରୂପଣ କରାଯାଇଛି। ବିନେ ଓ ସାଇମନ୍ ୧୯୦୫ ମସିହାରେ ଏହାକୁ ଉତ୍ତମରୂପେ ବିଚାର କରିବା, ବୁଝିବା ଏବଂ ଯୁକ୍ତିସଂଗତ ଆଚରଣ କରିବାର ଦକ୍ଷତା ଭାବରେ ବର୍ଣ୍ଣନା କରିଛନ୍ତି।
- ୧୯୩୯ ମସିହାରେ ୱେସଲର୍‌ଙ୍କଦ୍ୱାରା ବୁଦ୍ଧିମତ୍ତାର ଅଧିକ ଜନପ୍ରିୟ ସଂଜ୍ଞାମାନଙ୍କ ମଧ୍ୟରୁ ଗୋଟିଏ ସଂଜ୍ଞା ପ୍ରଦାନ କରାଯାଇଥିଲା। ବୁଦ୍ଧିମତ୍ତାର ସଂଜ୍ଞା ନିରୂପଣ କରି ସେ କହିଥିଲେ ଏହା 'ଉଦ୍ଦେଶ୍ୟପ୍ରଣୋଦିତ ଭାବରେ କାର୍ଯ୍ୟକରିବା', ଯୁକ୍ତସଂଗତଭାବରେ ଚିନ୍ତାକରିବା ଏବଂ ପରିବେଷ୍ଟନୀସହ ସଫଳତା ସହକାରେ ମୁକାବିଲା କରିବା ନିମନ୍ତେ ବ୍ୟକ୍ତିର ସାର୍ବଜନୀନ ବା ସାମୂହିକ ସାମର୍ଥ ଅଟେ।
- ଗାର୍ଡ଼ନର୍ 'ବହୁବିଧ ବୁଦ୍ଧିମତ୍ତା' ଶବ୍ଦାବଳୀ ପ୍ରୟୋଗ କରିଥିଲେ। ଭାଷାସମ୍ବନ୍ଧିତ, ତାତ୍ତ୍ୱିକ ଗାଣିତିକ, ସ୍ଥାନସ୍ୱନ୍ଧୀୟ, ସଂଗୀତ ସମ୍ବନ୍ଧୀୟ, ଶରୀର-ଗତି ସମ୍ବନ୍ଧୀୟ, ଆନ୍ତର୍ବୈକ୍ତିକ, ଅନ୍ତର୍ବୈକ୍ତିକ ଏବଂ ପ୍ରକୃତିବାଦୀ ସଦୃଶ ଆଠପ୍ରକାରର ବୁଦ୍ଧିମତା ରହିଛି ବୋଲି ସେ ଯୁକ୍ତି ଉପସ୍ଥାପନ କରିଥିଲେ।
- ଆଲଫ୍ରେଡ଼୍ ବିନେ ୧୯୦୫ ମସିହାରେ ବ୍ୟକ୍ତିତ୍ୱର ଆକଳନ ନିମନ୍ତେ ପ୍ରଥମ ସୁବ୍ୟବସ୍ଥିତ ପ୍ରୟାସ କରିଥିଲେ। ସେ ଜଣେ ଫରାସୀ ମନୋବିଜ୍ଞାନୀ ଯିଏ କି 'ମାନିକ ବୟସ' ପ୍ରତ୍ୟୟ ପ୍ରଦାନ କରିଥିଲେ।
- ୱେସଲର-ବୟସ୍କ-ବୁଦ୍ଧି ପରିମାପକ ସଦୃଶ କେତେକ ବୁଦ୍ଧିପରିମାପକମାନଙ୍କୁ ୱେସଲର୍ ବିକଶିତ କରିଥିଲେ।
- ବୁଦ୍ଧିମତ୍ତା, ଅଭିବୃତ୍ତି ଏବଂ କୃତିତ୍ୱ ମଧ୍ୟରେ ଉଲ୍ଲେଖଯୋଗ୍ୟ ପାର୍ଥକ୍ୟ ରହିଛି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଜଣେ ବ୍ୟକ୍ତି  ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପନ୍ନ କରିପାରିବାର ଦକ୍ଷତାକୁ ବୁଦ୍ଧିମତା ବୋଲି ବୁଝାଯାଏ। ଅଭିବୃତ୍ତି ହେଉଛି ଏକ କାର୍ଯ୍ୟକୁ ସମ୍ପନ୍ନ କରିବା ନିମନ୍ତେ ବ୍ୟକ୍ତିର ଅବ୍ୟକ୍ତ ସାମର୍ଥ୍ୟ। ଏକ ସମୟସୀମା ମଧ୍ୟରେ ଅତିପରିଚିତ ବିଷୟରେ (ଯେପରି ଗଣିତରେ) ସାଧିତ କର୍ମ କୃତିତ୍ୱ ସହ ସଂପୃକ୍ତ।
- ବିଭିନ୍ନ ବୃତ୍ତିରେ ସଫଳତାର ପୂର୍ବାନୁମାନ କରିବା ନିମନ୍ତେ କିରାଣୀ ସମ୍ବନ୍ଧୀୟ ଅଭିବୃତ୍ତି, ସଙ୍ଗୀତ ଅଭିବୃତ୍ତି, ଯାନ୍ତ୍ରିକ ଅଭିବୃତ୍ତି, ଲେଖାଯନ୍ତ୍ରରେ ମୁଦ୍ରଣ କରିବା ଅଭିବୃତ୍ତି ସଦୃଶ ଅଭିବୃତ୍ତି ପରୀକ୍ଷଣ ଗୁଡ଼ିକ ପ୍ରୟୋଗ କରାଯାଏ। ଅଭିରୁବୃତ୍ତିର ଆକଳନ ନିମନ୍ତେ ବହୁବିଧ ଅଭିବୃତ୍ତି ପରୀକ୍ଷଣମାଳାର ବିକାଶ କରାଯାଇଛି। ଏମାନଙ୍କ ମଧ୍ୟରେ ବିଭେଦକ-ଅଭିଜ୍ଞତା-ପରୀକ୍ଷଣମାଳା ( *DAT* ) ସର୍ବାଧିକ ବ୍ୟବହୃତ ପରୀକ୍ଷଣ ଅଟେ।
- ଜଣେ ବ୍ୟକ୍ତିର ସ୍ୱତନ୍ତ୍ର ଓ ଅପେକ୍ଷାକୃତ ସ୍ଥିର ବ୍ୟବହାର ଶୈଳୀ ଯାହାକି ବିଭିନ୍ନ ପରିସ୍ଥିତି ଓ ଏକ ସମୟକାଳ ମଧ୍ୟରେ ଅପରିବର୍ତ୍ତିତ ରହିଥାଏ ତାହାକୁ ବ୍ୟକ୍ତିତ୍ୱ କିହାଯାଏ। ଆଲପୋର୍ଟ ବ୍ୟକ୍ତିତ୍ୱର ସଂଜ୍ଞା ନିରୁପଣ କରିବାକୁ ଯାଇ କହନ୍ତି ଏହା ବ୍ୟକ୍ତି ମଧ୍ୟରେ ଥିବା ମାନସ-ଭୌତିକ ପ୍ରଣାଳୀ ମାନଙ୍କର ଗତିଶୀଳ ସଂଗଠନ ଯାହା ପରିବେଷ୍ଟନୀ ସହ ବ୍ୟକ୍ତିର ଉପଯୋଜନ ପ୍ରକ୍ରିୟାକୁ ନିର୍ଦ୍ଧାରଣ କରିଥାଏ।
- ମନୋବିଜ୍ଞାନୀମାନେ ବ୍ୟକ୍ତିତ୍ୱକୁ ବିଭିନ୍ନ ଦୃଷ୍ଟିକୋଣରୁ ଉପସ୍ଥାପନା କରିଛନ୍ତି। ଏହି ଦୃଷ୍ଟିକୋଣ ମାନଙ୍କୁ ଋରିଗୋଟି ମୁଖ୍ୟ ଶ୍ରେଣୀବଦ୍ଧ କରାଯାଇଅଛି। ଯଥା : ମନୋଗତିକ ପରିପ୍ରେକ୍ଷୀ, ସାମାଜିକ-ସାଂସ୍କୃତିକ ପରିପ୍ରେକ୍ଷୀ, ମାନବବାଦୀ ପରିପ୍ରେକ୍ଷୀ, ଏବଂ ଗୁଣସମ୍ବନ୍ଧୀୟ ପରିପ୍ରେକ୍ଷୀ।
- ବ୍ୟକ୍ତିତ୍ୱର ପରିମାପକମାନଙ୍କୁ ତିନିଗୋଟି ବର୍ଗରେ ସନ୍ନିବେଶ କରାଯାଏ, ଯଥା : ଆତ୍ମବିବରଣ ପରିମାପକ, ପ୍ରକ୍ଷେପୀ ପରିମାପକ, ଏବଂ ପାରିସ୍ଥିତିକ ପରିମାପକ।

## ଅନ୍ତିମ ପ୍ରଶ୍ନାବଳୀ

୧. 'ବ୍ୟକ୍ତିଗତ ଭିନ୍ନତା' କହିଲେ ତୁମେ କ'ଣ ବୁଝ ?

୨. 'ବୁଦ୍ଧିମତ୍ତା' ର ସଂଜ୍ଞା ଦିଅ। ଯେକୌଣସି ବୁଦ୍ଧିମତ୍ତାର ଦୁଇଗୋଟି ପରୀକ୍ଷଣର ନାମ ଲେଖ।

୩. ବୁଦ୍ଧିମତ୍ତା, ଅଭିବୃତ୍ତି ଏବଂ କୃତିତ୍ୱ ମଧ୍ୟରେ ଥିବା ପାର୍ଥକ୍ୟର ବ୍ୟାଖ୍ୟାକର।

୪. ବ୍ୟକ୍ତିତ୍ୱ'କୁ ବୁଝିବାନିମନ୍ତେ ମୁଖ୍ୟ ପରିପ୍ରେକ୍ଷୀମାନଙ୍କର ଚିହ୍ନଟ କର।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ନିମନ୍ତେ ଉତ୍ତରମାଳା

### ୩.୧

୧. ମନସ୍ତାତ୍ତ୍ୱିକ ଗୁଣାବଳୀରେ ବ୍ୟକ୍ତିମାନଙ୍କ ମଧ୍ୟରେ ଥିବା ଭିନ୍ନତା ବା ସାମଞ୍ଜସ୍ୟ ମାନଙ୍କର ପରିମାଣ ଏବଂ ପ୍ରକାରଭେଦ। ଏହା ଆନୁବଂଶିକ ଏବଂ ପରିବେଷ୍ଟନୀଗତ କାରଣମାନଙ୍କର ପାରସ୍ପରିକ କ୍ରିୟା ଯୋଗୁଁ ସଂଘଟିତ ହୁଏ।

### ୩.୨

୧. ବ୍ୟକ୍ତିଗତ ଗୁଣାବଳୀ, ଆଚରଣ ଏବଂ ବ୍ୟକ୍ତିମାନଙ୍କର ସାମର୍ଥ୍ୟର ମୂଲ୍ୟାୟନରେ ନିୟୋଜିତ ନିର୍ଦ୍ଦିଷ୍ଟ ପଦ୍ଧତିର ବ୍ୟବହାର।

୨. ବିଶ୍ୱାସନୀୟତା, ବୈଧତା, ମାନକୀକରଣ

### ୩.୩

୧. ଉଦ୍ଦେଶ୍ୟ ପ୍ରଣୋଦିତଭାବରେ କାର୍ଯ୍ୟକରିବା, ଯୁକ୍ତିସଂଗତ ଭାବରେ ଚିନ୍ତା କରିବା ଏବଂ ପରିବେଷ୍ଟନୀସହିତ ସଫଳତା ସହକାରେ ମୁକାବିଲା କରିବା ନିମନ୍ତେ ବ୍ୟକ୍ତିର ସାର୍ବଜନୀନ ସାମୂହିକ ସାମର୍ଥ୍ୟ।

୨. ବୁଦ୍ଧ୍ୟାଙ୍କ ହେଉଛି ମାନସିକ ବୟସକୁ ପ୍ରକୃତ ବୟସ ଦ୍ୱାରା ଭାଗକରାଯାଇ ୧୦୦ରେ ଗୁଣନ କରି ପ୍ରାପ୍ତଫଳାଙ୍କ।

$$\text{ବୁଦ୍ଧ୍ୟାଙ୍କ} = \frac{\text{ମାନସିକ ବୟସ}}{\text{ପ୍ରକୃତ ବୟସ}} \times \text{୧୦୦}$$

### ୩.୪

୧. ଗୁଣାବଳୀର ସମାହାର ଯାହାକି ତାଲିମପରେ ନିର୍ଦ୍ଦିଷ୍ଟ କୌଶଳ ବା ଜ୍ଞାନ ଆହରଣ ନିମନ୍ତେ ଜଣେ ବ୍ୟକ୍ତିର ଦକ୍ଷତାକୁ ସୂଚୀତ କରେ।

୨. ଅଭିରବୃତ୍ତିର ଆକଳନ ନିମନ୍ତେ ବିକଶିତ କରାଯାଇଛି, ଉଦାହରଣ: ବିଭେଦକ – ଅଭିଦକ୍ଷତା ପରୀକ୍ଷଣମାଳା ( *DAT* ) ଏବଂ ସାଧାରଣ – ଅଭିଦକ୍ଷତା-ପରୀକ୍ଷଣମାଳା ( *GATB* )

### ୩.୫

୧. ଜଣେ ବ୍ୟକ୍ତିର ସ୍ୱତନ୍ତ୍ର ଓ ଅପେକ୍ଷାକୃତ ସ୍ଥିର ବ୍ୟବହାର ଶୈଳୀ ଯାହାକି ବିଭିନ୍ନ ପରିସ୍ଥିତି ଓ ଏକ ସମୟକାଳ ମଧ୍ୟରେ ଅପରିବର୍ତ୍ତିତ ରହେ । ଗୁଣ ସମ୍ବନ୍ଧୀୟ ପରିପ୍ରେକ୍ଷୀ, ଜୈବିକ ପରିପ୍ରେକ୍ଷୀ, ମନୋଗତିକ ପରିପ୍ରେକ୍ଷୀ, ସାମାଜିକ-ସାଂସ୍କୃତିକ ପରିପ୍ରେକ୍ଷୀ, ମାନବବାଦୀ ପରିପ୍ରେକ୍ଷୀ (ଯେକୌଣସି ଦୁଇଗୋଟି)

### ୩.୬

୧. ଉକ୍ତିମାନଙ୍କର ଏକ ବିନ୍ୟାସରେ ନିଜ ସମ୍ବନ୍ଧରେ ବିବରଣୀ ପ୍ରଦାନ ନିମନ୍ତେ ବ୍ୟକ୍ତିକୁ କୁହାଯାଏ ।

୨. ବ୍ୟକ୍ତିକୁ ଅସଂଗଠିତ ବା ଅନିଶ୍ଚିତାର୍ଥକ ଉଦ୍ଦୀପକ ସାମଗ୍ରୀ ପ୍ରତି ତା'ର ଅନୁକ୍ରିୟା ପ୍ରଦାନ କରିବାକୁ ପଡ଼େ । ପ୍ରକ୍ଷେପିତ ଅନୁକ୍ରିୟାଗୁଡ଼ିକ ବ୍ୟକ୍ତିର ବ୍ୟକ୍ତିତ୍ୱର ପ୍ରକୃତି ସମ୍ବନ୍ଧୀୟ ପ୍ରତିଫଳନ ଅଟନ୍ତି ।

୩. ଉଦ୍ଦେଶ୍ୟମୂଳକଭାବେ ପରିକଳ୍ପିତ ପରିସ୍ଥିତିମାନଙ୍କରେ ବ୍ୟକ୍ତି ବ୍ୟବହାରର ପର୍ଯ୍ୟବେକ୍ଷଣ କରାଯାଏ ।

### ଅନ୍ତିମ ପ୍ରଶ୍ନାବଳୀ ନିମନ୍ତେ ସହାୟତାକାରୀ ସୂଚନା :

୧. ଭାଗ ୩.୧ ର ସହାୟତା ନିଅ ।

୨. ଭାଗ ୩.୨ ଓ ୩.୩ ର ସହାୟତା ନିଅ ।

୩. ଭାଗ ୩.୪ ର ସହାୟତା ନିଅ ।

୪. ଭାଗ ୩.୫ ର ସହୟତା ନିଅ ।